# ପୂଜାର୍ଚ୍ଚନା ହେଲା, ଧାନ କିଣା ନୋହିଲା



ଜିଲାରେ ଧାନକିଣା ଶୁଭାରମ୍ଭ ପାଇଁ ଜିଲାପାଳ ମଣ୍ଡଳ ପ୍ୟାକ୍ସରେ ପୂଜାର୍ଚ୍ଚନା କରୁଛନ୍ତି।




ଭାରତୀୟ କିଷାନ ୟୁନିୟନ୍ ବଲାଙ୍ଗୀର ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି।

ବଲାଙ୍ଗୀର/ବେଲପଡା୨।୧୨
(ବୀରେନ୍ଦ୍ର କୁମାର ଝାଙ୍କର/ମନୋଜ ମିଶ୍ର)

ଚଳିତବର୍ଷ ବଲାଙ୍ଗୀର ଜିଲାରେ ବିଳମ୍ବରେ ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ବସିଥିଲା । ଉକ୍ତ ବୈଠକରେ ସୋମବାର ଠାରୁ ଧାନକିଣା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଜିଲାରେ ଚାଷୀଙ୍କ ଠାରୁ ଧାନ କିଣା ଆରମ୍ଭ ହୋଇନାହିଁ। ଚାଷୀଙ୍କୁ ଟୋକନ ଦିଆଯାଇ ନ ପାରିବାରୁ ଜିଲାରେ ଧାନ କିଣା ଆରମ୍ଭ ହୋଇନାହିଁ। ଅନ୍ୟପଟେ ଜିଲା ପ୍ରଶାସନ ପକ୍ଷରୁ ପାଟଣାଗଡ ଆରଏମ୍‌ସିର ମଣ୍ଡଳ ମାର୍କେଟ ୟାର୍ଡଠାରେ ପୂଜାର୍ଚ୍ଚନା କରାଯାଇ ଜିଲାରେ ଧାନକିଣା ଆରମ୍ଭ ହେଲା ବୋଲି କୁହାଯାଇଛି। ପ୍ରଶାସନର ଏଭଳି ଧାନକିଣା ଆରମ୍ଭକୁ ଚାଷୀ ସଙ୍ଗଠନଗୁଡିକ କଡା ଭାଷାରେ ସମାଲୋଚନା କରି ଜିଲାରେ ଆରମ୍ଭରୁ ଧାନକିଣା ପ୍ରହସନ ପାଲଟିଛି ବୋଲି କହିଛନ୍ତି। ବଲାଙ୍ଗୀର ଜିଲାରେ ଖରିଫ ୨୦୨୪-୨୫ ବର୍ଷ ପାଇଁ ଜିଲାସ୍ତରୀୟ ଧାନ କ୍ରୟ କମିଟି ନିଷ୍ପତ୍ତି ଅନୁସାରେ ଡିସେମ୍ବର ୨ ତାରିଖ ଠାରୁ ଖରିଫ ଧାନ କିଣା ଆରମ୍ଭ ହେବ ବୋଲି କୁହାଯାଇଥିଲା। ତଦନୁଯାୟୀ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ପାଟଣାଗଡ ଆରଏମସିର ମଣ୍ଡଳ ମାର୍କେଟ ୟାର୍ଡଠାରେ ଧାନ କିଣା ଶୁଭାରମ୍ଭ କରିବାକୁ ଯାଇଥିଲେ। ସେଠାରେ ବିଧିବଦ୍ଧ ପୂଜାର୍ଚ୍ଚନା କରିଥିଲେ। ସଭା କରି ଧାନକିଣା ପ୍ରକ୍ରିୟା ଆରମ୍ଭ ହେଲା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ପି ଋଷିକେଶ ଖିଲାରି, ଏଡିଏମ୍ ଡ. ବିଜୟାନନ୍ଦ ସେଠୀ, ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ସମବାୟ ସମିତି ଉପ ନିବନ୍ଧକ ପ୍ରମୋଦ ବରିହା, ବେଲପଡା ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ। ତେବେ ବାସ୍ତବ ସ୍ଥିତି ଭିନ୍ନ ଥିବା ଭାରତୀୟ କିଷାନ ୟୁନିୟନ୍ ପକ୍ଷରୁ ଅଭିଯୋଗ କରାଯାଇଛି। ସନ୍ଧ୍ୟାରେ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଡାକି ଚାଷୀନେତା ସୌରୀ କୁମାର ସାହୁ , ନୀଳମଣି ଯୋଶୀ, ସାମୁଏଲ ପଟ୍ଟନାୟକ , ଯୁଗଳ କିଶୋର ସାହୁ ଓ ସୋନୁ ଅନୁଗୁ ଜିଲା ପ୍ରଶାସନକୁ ଆଜିର ଧାନକିଣା ସଂକ୍ରାନ୍ତରେ ପ୍ରଶ୍ନ କରିଥିଲେ। ଟୋକନ ଦିଆ ନ ଯାଇ କେଉଁ ଚାଷୀଙ୍କ ଠାରୁ ପ୍ରଶାସନ କିଭଳି ଭାବେ ଧାନ କିଣିଲେ ବୋଲି ପ୍ରଶ୍ନ କରିଥିଲେ। କେବଳ ପୂଜାର୍ଚ୍ଚନା କରି ଜିଲାପାଳ ଏବଂ ଯୋଗାଣ ବିଭାଗ ଅଧିକାରୀମାନେ ସେଠାରୁ ଫେରିଆସିଛନ୍ତି ଓ କୌଣସି ଚାଷୀଙ୍କ ଠାରୁ ଧାନକିଣା ହୋଇନାହିଁ ବୋଲି କହିଥିଲେ। ଏନେଇ ମଣ୍ଡଳ ପ୍ୟାକ୍ସ ସମ୍ପାଦକ ଚନ୍ଦ୍ରମଣି ବେହେରାଙ୍କୁ ପଚାରିବାରେ କେବଳ ପୂଜାପାଠ ହେଲା ଓ ଟୋକନ୍ ଜେନେରେଶନ୍ ହୋଇ ନ ଥିବାରୁ ଧାନ କିଣା ହୋଇପାରିଲା ନାହିଁ ବୋଲି କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ପାଣିଗ୍ରାହୀଙ୍କୁ ପଚରାଯିବାରୁ ଆଜିଠାରୁ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଟୋକନ୍‌ସୋ କରିପାରି ନ ଥିବାରୁ ଚାଷୀଙ୍କ ଠାରୁ ଧାନକିଣା ହୋଇପାରିନାହିଁ ବୋଲି କହିଛନ୍ତି। ପ୍ରଥମ ଦିନରୁ ଜିଲାରେ ଧାନକିଣା ଅବ୍ୟବସ୍ଥା ଦେଖାଦେଲାଣି। ଚାଷୀଙ୍କ ଠାରୁ ଧାନକିଣା ହୋଇପାରି ନ ଥିଲେ ମଧ୍ୟ ଧାନକିଣା ଶୁଭାରମ୍ଭ ହୋଇଛି ବୋଲି କୁହାଯାଉଥିବାରୁ ଚାଷୀ ସଙ୍ଗଠନ ଏବଂ ଚାଷୀମାନେ ଏହାକୁ କଡା ସମାଲୋଚନା କରିଛନ୍ତି। ଭାରତୀୟ କିଷାନ ୟୁନିୟନର ଖବରଦାତା ସମ୍ମିଳନୀରେ ଚାଷୀନେତା ନୀଳମଣି ଯୋଷୀ କହିଛନ୍ତି ଯେ, ପ୍ରଶାସନର ଘୋଷଣା ସତ୍ତ୍ୱେ ପ୍ରଥମ ଥର ପାଇଁ ଜିଲାରେ ଧାନକିଣା ଆରମ୍ଭ ହୋଇପାରିଲାନାହିଁ। ଜଣେ ବି ଚାଷୀଙ୍କୁ ଟୋକନ ଦେବାରେ ପ୍ରଶାସନ ବିଫଳ ହେଲେ। ଧାନ କିଣା ହୋଇ ନ ଥିଲେ ମଧ୍ୟ ପ୍ୟାକ୍ସକୁ ମିଲର୍ସମାନେ ଯାଇଥିବା ଦେଖାଯାଇଛି ବୋଲି କହିଥିଲେ। ଜିଲାସ୍ତରରୁ ଚାଷୀଙ୍କୁ ଟୋକନ୍ ଦେବା ବ୍ୟବସ୍ଥା କରାଯାଉ ବୋଲି ସେ ଦାବି କରିଥିଲେ। ଚଳିତ ଖରିଫ ଋତୁରେ ବଲାଙ୍ଗୀର ଜିଲାର ୯୫,୦୮୭ ପଞ୍ଜୀକୃତ ଚାଷୀଙ୍କ ଠାରୁ ଜିଲାର ୧୭୬ଟି ମଣ୍ଡି (୧୫୮ ପ୍ୟାକ୍ସ ଏବଂ ୧୮ ଏସଏଚଜି ) ଜରିଆରେ ୩୪ ଲକ୍ଷ ୯ ହଜାର ୭୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆରମ୍ଭରୁ ଧାନକିଣା ଅବ୍ୟବସ୍ଥା ଦେଖା ଦେଇଥିବାରୁ ଚାଷୀ ମହଲରେ ଚିନ୍ତା ବଢିଯାଇଛି ।

**ବଲାଙ୍ଗୀର ଜିଲା**

**ଆରମ୍ଭରୁ ଅବ୍ୟବସ୍ଥା, ଚାଷୀଙ୍କୁ ଟୋକନ ଦେଇ ପାରିଲାନି ପ୍ରଶାସନ**

# ସବୁ ମଣ୍ଡିରେ ଏଫ୍‌ଏକ୍ୟୁ ମେଶିନ ଜରୁରୀ: ନରସିଂହ

ବଲାଙ୍ଗୀର,୨।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଦେଓଗାଁ ବ୍ଲକ ଅନ୍ତର୍ଗତ ଗାଇବାହାଲ ଗ୍ରାମ ପଞ୍ଚାୟତର ଗାଇବାହାଲଠାରେ ସୋମବାର ଧାନକିଣା ପ୍ରକ୍ରିୟା ଶୁଭାରମ୍ଭ ହୋଇଥିଲା। ସ୍ଥାନୀୟ ସାବିତ୍ରୀ ବାଇ ଫୁଲେ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଏହି ମଣ୍ଡିରେ ଧାନକିଣା ଶୁଭାରମ୍ଭ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ଦ୍ୱାରା ହୋଇଥିଲା। ଯଦିଓ ପ୍ରଶାସନ ୨ ତାରିଖରୁ ବଲାଙ୍ଗୀର ଜିଲାର ସବୁଆଡେ ଧାନକିଣା ଆରମ୍ଭ ହେବାର ଘୋଷଣା କରିଥିଲେ, କିନ୍ତୁ ଆଜି କେବଳ ଔପଚାରିକ ଭାବେ ସମସ୍ତ ଧାନକିଣା କେନ୍ଦ୍ର ଶୁଭାରମ୍ଭ ହୋଇଛି। ଏହାକୁ ପୂର୍ବତନ ମନ୍ତ୍ରୀ ମିଶ୍ର ସମାଲୋଚନା କରିଛନ୍ତି। ଏହି ଅବସରରେ ସେ କହିଥିଲେ ଯେ, ସରକାରଙ୍କ ଘୋଷଣା ମୁତାବକ ପ୍ରତ୍ୟେକ ଧାନ କିଣା କେନ୍ଦ୍ରରେ ଏଫ୍‌ଏକ୍ୟୁ ମେଶିନ ରହିବା ଜରୁରୀ। କାରଣ ଅଣଏଫ୍‌ଏକ୍ୟୁ ଧାନକୁ ଏହି ମେଶିନ ସାହାଯ୍ୟରେ ଏଫ୍‌ଏକ୍ୟୁ କରିସାରିବା ପରେ ମଣ୍ଡିରେ ଧାନକିଣା ହେବ ଏବଂ ଚାଷୀ ସରକାର ଘୋଷଣା କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରିବେ। ତେଣୁ ଉପସ୍ଥିତ ଅଧିକାରୀମାନେ ପ୍ରଥମେ ଧାନ କିଣିବା ପାଇଁ ଆବଶ୍ୟକ ପ୍ରତ୍ୟେକ ମେଶିନ ମଣ୍ଡିରେ ସୁନିଶ୍ଚିତ କରନ୍ତୁ ବୋଲି ସେ କହିଥିଲେ। ୨ ତାରିଖ ଧାନ କିଣିବା ପାଇଁ ଘୋଷଣା ହୋଇଥିଲେ ହେଁ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇନାହିଁ। ଏପରିକି ଧାନ ଉଠାଇବାକୁ ଥିବା ମିଲର୍ସମାନଙ୍କୁ ମଧ୍ୟ ଟାର୍ଗେଟ ଦିଆଯାଇ ନ ଥିବା ସୂଚନା ଅଛି। ସରକାର ଏ ଦିଗରେ ପ୍ରଥମେ ସୁବ୍ୟବସ୍ଥା କରନ୍ତୁ ବୋଲି ମିଶ୍ର କହିଥିଲେ। ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ମିଶ୍ର, ସୂର୍ଯ୍ୟକାନ୍ତି ଛତ୍ରିଆ, ଉପେନ୍ଦ୍ର ସ୍ୱାଇଁ, ସୁଜାତା ମଲ୍ଲିକ, ସସ୍ମିତା ବାଗ, ପଦ୍ମିନୀ ମେହେର, ବୀଣା ପ୍ରଧାନ, ସମିତି ସଭ୍ୟ ସଂଯୁକ୍ତ ସେଠ, ସରପଞ୍ଚ ତ୍ରିଲୋଚନ ନାଗ, ଏମ୍‌ପିଙ୍କ ପ୍ରତିନିଧି ଡା. ଶଶୀଭୂଷଣ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ର ଗାଇବାହାଲ ମଣ୍ଡିରେ ଧାନକିଣା ଶୁଭାରମ୍ଭ କରୁଛନ୍ତି।

# ଲୋଇସିଂହା ଜମିଦାରଙ୍କ ପରଲୋକ

ଲୋଇସିଂହା,୨।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଜମିଦାର ଜୟକୃଷ୍ଣ ସିଂରାୟ (୯୧)ଙ୍କ ସୋମବାର ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତୁଣୀ ନାତି ଓ ସମ୍ପର୍କୀୟ ଉପସ୍ଥିତ ଥିଲେ । ପରଲୋକ ଖବର ପାଇ ଗ୍ରାମବାସୀ ଶେଷ ଦର୍ଶନ କରି



ଶବାଧାରରେ ସାମିଲ ହୋଇଥିଲେ। ଡେଲିମାର୍କେଟ ଅଞ୍ଚଳରେ ଥିବା ଜମିଦାର ପରିବାର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ବଳରାମସିଂରାୟ ମୁଖାଗ୍ନି ଦେଇଥିଲେ। ଜମିଦାରଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ମା' ଅହଲ୍ୟା ଦେବୀ, ବାପା ଚନ୍ଦ୍ରଭାନୁ ସିଂରାୟଙ୍କ ୩ ସନ୍ତାନଙ୍କ ମଧ୍ୟରେ ଜୟକୃଷ୍ଣ ବଡ ଥିଲେ। ରାୟପୁରସ୍ଥିତ ରାଜକୁମାର କଲେଜରୁ ଜୟକୃଷ୍ଣ ଉଚ୍ଚଶିକ୍ଷା ଲାଭ କରିଥିଲେ। ବଲାଙ୍ଗୀର ରାଜ ପରିବାରର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣସିଂଦେଓଙ୍କ ପୁଅ ରାଜରାଜସିଂଦେଓ ଥିଲେ ତାଙ୍କ ସହପାଠୀ। ଛତିଶଗଡ ରାଜ୍ୟର ରାୟଗଡ ଅଚଂଳରୁ ତାଙ୍କ ପୂର୍ବଜ ବଲାଙ୍ଗୀର ଜିଲା କଅଗାଁକୁ ପ୍ରଥମେ ଚାଲି ଆସିଥିଲେ। ପରବର୍ତ୍ତୀ ସମୟରେ ଲୋଇସିଂହା ନିକଟସ୍ଥ ପଥରଗଡକୁ ଆସି ବସବାସ କରୁଥିଲେ। ଟିଟିଲାଗଡ-ଝାରସୁଗୁଡା ରାଜପଥ ନିର୍ମାଣ ହେବା ପରେ ଗମନାଗମନ ସୁବିଧା ଉପଲବ୍ଧ ହେବାରୁ ପଥରଗଡରୁ ଲୋଇସିଂହାକୁ ତାଙ୍କ ପୂର୍ବଜ ଆସି ରହୁଛନ୍ତି।

# ସାମିଲ ହେଲା ଗୋଣ୍ଡୱାନା ଛାତ୍ର ସଙ୍ଗଠନ

**ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଗଣଧାରଣା ଅଷ୍ଟମ ଦିନରେ**

ଖପ୍ରାଖୋଲ,୨।୧୨(ଅଭୟ ତ୍ରିପାଠୀ)




ଗନ୍ଧମାର୍ଦନ ଯୁବ ପରିଷଦ ତରଫରୁ ଗନ୍ଧମାର୍ଦନ ପାହାଡର ସ୍ଥାୟୀ ସୁରକ୍ଷା ଦାବିରେ ସ୍ଥାନୀୟ ତହସିଲ କାର୍ଯ୍ୟଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ସୋମବାର ଅଷ୍ଟମ ଦିନରେ ପହଞ୍ଚିଛି। ଗଣ ଧାରଣାରେ ଗୋଣ୍ଡୱାନା ଛାତ୍ର ସଂଗଠନ ସାମିଲ ହୋଇଛି । ଉକ୍ତ ଛାତ୍ର ସଂଗଠନ ଖପ୍ରାଖୋଲ ଶାଖା ପକ୍ଷରୁ ସଭାପତି ତନ୍ତ୍ର ଧରୁଆଙ୍କ ନେତୃତ୍ୱରେ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟରୁ ଏକ ରାଲି ବାହାରି ତହସିଲ କାର୍ଯ୍ୟାଳୟରେ ଚାଲିଥିବା ଗଣଧାରଣା ସ୍ଥଳରେ ପହଞ୍ଚିଥିଲା। ଆନ୍ଦୋଳନକାରୀମାନେ ଛାତ୍ର ସଙ୍ଗଠନକୁ ସ୍ୱାଗତ କରିଥିଲେ। ପରେ ଗଣଧାରଣା ସ୍ଥଳରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ଆଇନ ପାଇଁ ଦାବି କରାଯିବା ସହିତ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ଲାଗି ବିଧାନସଭାରେ ଏକ ପ୍ରସ୍ତାବ ଗୃହୀତ କରାଯାଉ ବୋଲି ଦାବି ହୋଇଥିଲା। ଏହାଛଡା ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପତ୍ତି ଘୋଷଣା କରିବା ପାଇଁ କେନ୍ଦ୍ରକୁ ଏକ ସ୍ୱତନ୍ତ୍ର ପ୍ରସ୍ତାବ ଦିଆଯାଇ ଅନୁମୋଦନ କରାଯାଉ ବୋଲି ଛାତ୍ର ସଂଗଠନ ପକ୍ଷରୁ ଦାବି ହେଉଛି। ଏହି ଅନିର୍ଦ୍ଦିଷ୍ଟ କାଳ ଗଣଧାରଣାରେ ଜେଏସୟୁ ମହାସଚିବ ବିଜୟ କୁମାର, ଉପଦେଷ୍ଟା ଟିକେଶ୍ୱର ଧରୁଆ, ବିପ୍ର ବିଶି ,ଶଶୀକାନ୍ତ ଧରୁଆ, ସୁବାଷ ଧରୁଆ, ବିନୋଦ ଧରୁଆ,ସସ୍ମିତା ଧରୁଆ ପ୍ରମୁଖ ଉପସ୍ଥିତ ରହି ଗଣଧାରଣାକୁ ସମର୍ଥନ କରିଥିଲେ ।

# ଅପାରକୁ ନେଇ ଅଭିଭାବକ ସମ୍ମିଳନୀ

ଲୋଇସିଂହା,୨।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅପାର (ସ୍ୱୟଂଚାଳିତ ସ୍ଥାୟୀ ଏକାଡେମିକ୍ ଆକାଉଣ୍ଟ ରେଜିଷ୍ଟ୍ରି) ତଥା ଏକ ଜାତି, ଗୋଟିଏ ଛାତ୍ର ପରିଚୟ ପତ୍ର ସକାଶେ ଅଭିଭାବକଙ୍କ ସମ୍ମତି ନେଇ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୌନାବତୀ ଛତ୍ରିଆ ଅଧ୍ୟକ୍ଷତା କରି କହିଥିଲେ ଯେ, କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନରେ ଏହି ଆଇନ ଆଣିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ପ୍ରଥମରୁ ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ପରିଚୟ ପତ୍ର। ଉକ୍ତ ପରିଚୟପତ୍ରରେ ଛାତ୍ରୀଛାତ୍ରମାନଙ୍କୁ ସମସ୍ତ ସୁବିଧା ଉପଲବ୍ଧ ହୋଇ ପାରିବ । ବର୍ତ୍ତମାନ ସମୟରେ ଜଣେ ଛାତ୍ର ଘରୋଇ ଏବଂ ସରକାରୀ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାଠ ପଢୁଛନ୍ତି। କିନ୍ତୁ ଉକ୍ତ ପରିଚୟ ପତ୍ର ହେଲେ ଜଣେ ଛାତ୍ର କେବଳ ଗୋଟିଏ ଶିକ୍ଷାନୁଷ୍ଠାନରେ ନାମଲେଖାଇ ପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ଅପାର ଫର୍ମରେ ସହମତି ପାଇଁ ସ୍ୱାକ୍ଷର କରିବାକୁ ଅଭିଭାବକଙ୍କୁ ଆହ୍ୱାନ କରିଥିଲେ। ଅପାରକୁ ନେଇ ସହକାରୀ ଶିକ୍ଷୟିତ୍ରୀ ସଂଯୁକ୍ତା ପାତ୍ର ତାଙ୍କ ମତ ରଖିଥିଲେ । ମିଳିଥିବା ତଥ୍ୟ ମୁତାବକ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ରହିଛି। ପ୍ରଥମରୁ ପଞ୍ଚମ ୧୧୧ ଛାତ୍ରୀଛାତ୍ର ଥିବା ବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ୧୬୨ ଜଣଙ୍କୁ ମିଶାଇ ମୋଟ ୨୭୩ ଛାତ୍ରୀଛାତ୍ର ବିଦ୍ୟାଳୟରେ ପାଠ ପଢୁଛନ୍ତି। ଏବେ ଷଷ୍ଠ,ସପ୍ତମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠପଢାଇବା ପାଇଁ ମାତ୍ର ୨ ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ଶିକ୍ଷକ ଅଭାବରୁ ପାଠପଢା ବାଧାପ୍ରାପ୍ତ ନେଇ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପରି କି ଛାତ୍ରୀଛାତ୍ରଙ୍କୁ ହୋମ ୱର୍କ ଦେବାକୁ ଅଭିଭାବକମାନେ ଦାବି କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଛତ୍ରିଆ କହିଥିଲେ, ନିକଟରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ସ୍କୁଲ ପରିଦର୍ଶନରେ ଆସିଥିବା ବେଳେ ଖୁବଶୀଘ୍ର ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ରେଲୱେ ଫାଟକ ବାଡ଼କୁ ପିଟିଲା ହାଇୱା

ଦେଓଗାଁ,୨।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ନାଇକେନଶିରା ରେଲୱେ ଫାଟକ ବାଡକୁ ଏକ ଦ୍ରୁତଗାମୀ ହାଇୱା ପିଟି ଦେବାରୁ ବାଡଟି ଭାଙ୍ଗିଯାଇଛି। ପ୍ରକାଶ ଯେ, ହାଇୱାଟି ବଲାଙ୍ଗୀର ପଟୁ ତୁଷୁରା ଅଭିମୁଖେ ଡଷ୍ଟ ବୋଝେଇ କରି ଯାଉଥିଲା। ପୂର୍ବାହ୍ନ ପ୍ରାୟ ୧୧ ଟା ସମୟରେ ହାଇୱାର ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ବାଡ ଭାଙ୍ଗିଯିବା ସହ କାହାର କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି। ପୋଲିସ ପ୍ରଶାସନ ପକ୍ଷରୁ ଜନଗହଳିପୂର୍ଣ୍ଣ ସ୍ଥାନରେ ସ୍ପିଟ୍ କମାଇବା ପାଇଁ ତାଗିତ କରାଯାଉଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏ ଦିଗରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଏମ୍‌ଆଇଏଲ୍ ସର୍ବଭାରତୀୟ ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ






ମଞ୍ଚାସୀନ ଅତିଥିଗଣ(ବାମ),ପତାକା ଉତ୍ତୋଳନ କରି ହକି ଟୁର୍ନାମେଣ୍ଟର ଶୁଭାରମ୍ଭ କରୁଛନ୍ତି ମୁଖ୍ୟ ଅତିଥି।

ସଇଁତଲା୨।୧୨(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନା ପରିସରସ୍ଥିତ ସ୍ପୋର୍ଟ୍‌ସ୍‌ଷ୍ଟାଡ଼ିୟମରେ ମ୍ୟୁନିସନ ଇଣ୍ଡିଆ ଲିମିଟେଡ଼ (ଏମ୍‌ଆଇଏଲ) ତରଫରୁ ଦ୍ୱିତୀୟ ସର୍ବଭାରତୀୟ ହକି ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାରଖାନାର ମୁଖ୍ୟ ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ, ସମ୍ମାନୀତ ଅତିଥିଭାବରେ କର୍ଣ୍ଣେଲ ଅମିତାଭ ରାଠୀ, ମହାପ୍ରବନ୍ଧକ ପି.ଏଲ. ଭିଶେଖର, ସଇଁତଲା ତହସିଲଦାର ଆଶିଷ କୁମାର ଏକ୍କା, କନସଲଟାଣ୍ଟ ଏଜିଏମ ଓ.ଏସ. ମୁଣ୍ଡେ, ବରିଷ୍ଠ ସୁରକ୍ଷା ଅଧିକାରୀ ଲ୍ୟୁଟନାଣ୍ଟ କର୍ନେଲ ଜନ୍ମେଜୟ ମିଶ୍ର ଯୋଗଦେଇଥିଲେ। ସଭାକାର୍ଯ୍ୟକୁ ଜନ ସମ୍ପର୍କ ଓ ସୂଚନା ଅଧିକାରୀ ଦିଲୀପ ପଟ୍ଟନାୟକ ପରିଚାଳନା କରିଥିଲେ। କାରଖାନାର ମୁଖ୍ୟ ଶ୍ରୀ ଦାଶ ପତାକା ଉତ୍ତୋଳନ କରି ଟୁର୍ନାମେଣ୍ଟର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏଥିରେ ମଧ୍ୟପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର ଓ ଓଡ଼ିଶା ଆଦି ରାଜ୍ୟରେ ଥିବା ଆୟୁଧ ନିର୍ମାଣୀ କାରଖାନାର ୭ ଟି ହକି ଟିମ ଭାଗ ନେଇଛନ୍ତି। ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହେବ।

ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚଗୁଡ଼ିକ ମଧ୍ୟରେ ବଡ଼ମାଳ ଟିମ୍ ୫-୦ ଗୋଲରେ ମହାରାଷ୍ଟ୍ରର ଚନ୍ଦରପୁର ଟିମ୍‌କୁ ହରାଇ ଦେଇଛି। ସେହିପରି ଦ୍ୱିତୀୟ ମ୍ୟାଚରେ ତାମିଲନାଡୁର କୋର୍ଡ଼ାଇଟ ଫ୍ୟାକ୍ଟ୍ରି ଆର୍ଭାନକାଡୁ ୫-୦ ଗୋଲରେ ମହାରାଷ୍ଟ୍ରର ଭରାନଗାଓଁକୁ ପରାସ୍ତ କରିଛି। ଉଦ୍‌ଘାଟନୀ ଦିବସର ଶେଷ ମ୍ୟାଚ ମଧ୍ୟପ୍ରଦେଶ ଜବଲପୁରର ଏମ୍ୟୁସନ ଫ୍ୟାକ୍ଟ୍ରି ଖମାରିଆ ଓ ମହାରାଷ୍ଟ୍ର ପୁନେର ଖଡ଼କୀ ମଧ୍ୟରେ ହୋଇଥିଲା। ଏଥିରେ ଏମ୍ୟୁସନ ଫ୍ୟାକ୍ଟ୍ରି ଖମାରିଆ ୩-୦ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କପିଳ କୁମସାର ଖାଲକୋ, ରାଜେଶ ଓରାମ, ଅଶ୍ୱିନୀ ପାଢ଼ୀ, ଦେବାଶିଷ ସାହୁ, ପ୍ରଦୀପ କର, ବିରେନ୍ଦ୍ର ମୁନା, ଜୟ ସିଂ ନାଏକ, ମନୋଜ ପଟ୍ଟନାୟକ, ଜ୍ୟୋତିର୍ମୟ ପୂଝାରୀ, ଶତଦଳ ବେହେରା, ଜେସିଏମ, କାର୍ଯ୍ୟସମିତି, ୟୁନିୟନ ଏବଂ ଆସୋସିଏଶନର କର୍ମକର୍ତ୍ତା, ମହିଳା କଲ୍ୟାଣ ସମିତିର ପଦାଧିକାରୀ, କମିଟିର ସଦସ୍ୟ, ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦେଓଗାଁ ଡିଗ୍ରୀ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ

ଦେଓଗାଁ,୨।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ମୁଖ୍ୟଅତିଥି ଓ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ. ଶିବ ଶଙ୍କର ହଂସଦା ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡ୍‌ସର ଭୟାବହତା ଓ ନିରାକରଣ ଉପରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ । କଲେଜର ୟୁଥ୍ ରେଡକ୍ରସ କାଉନସେଲର ମଳୟ ରଣା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ଆଶିଷ କୁମାର ପଣ୍ଡା ବେଦ ପାଠ କରିଥିଲେ। ସଂଯୋଜକ ଉଦୟନାଥ ରଥ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସରୋଜ କୁମାର ସାହୁ, ସନାତନ ନାଗ, ମହେଶ କୁମାର ମେହେର, ଯୁଧିଷ୍ଠିର ମେହେର, ସାରଳାଭଞ୍ଜ ଦେଓ, ଅନ୍ୱେଷା ପାଣିଗ୍ରାହୀ, ଆଂକାକ୍ଷା ପୁରୋହିତ, ମଞ୍ଜରୀ ପୋଢ, ବେବି ପଧାନ, ବବିତା ଠାକୁର, ସୌଦାମିନୀ ନାଏକ, ଟିଂକି ଦଲାଇ ପ୍ରମୁଖ ସହଯୋଗ କରିଥିଲେ ।




ଦେଓଗାଁ ଡିଗ୍ରୀ କଲେଜରେ ଏଡ୍‌ସ ଦିବସ ପାଳନ କରାଯାଉଛି।

## ସଂକ୍ଷେପରେ

### ଗୋଷ୍ଠୀ ଜଙ୍ଗଲ ପରିଚାଳନା ପାଇଁ ଗ୍ରାମସଭା

**ପଦ୍ମପୁର,୨।୧୨(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ରାଜବୋରାସମ୍ବର ବ୍ଲକ ବୁଡେନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାୟବାହାଦୁରପୁର ଗ୍ରାମରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନାରାୟଣ ମେହେରଙ୍କ ନୋଟିସ କ୍ରମେ ଆୟୋଜିତ ଉକ୍ତ ସଭାରେ ରାଜବୋରାସମ୍ବର ବ୍ଲକ ସାମାଜିକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସୂର୍ଯ୍ୟକାନ୍ତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାସ୍ ଅନୁଷ୍ଠାନର ବ୍ୟାସଦେବ ବାରିକ, କେଶବ ଡନସନା, ଫକୀର ରଣା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲ ସୁରକ୍ଷା, ସଂରକ୍ଷଣ, ପୁନଃଜନନ, ପରିଚାଳନା ଆଦି ପାଇଁ ଶୋଭାଯାତ୍ରାରେ ଯାଇ ଜଙ୍ଗଲ ସୀମାରେ ବୃକ୍ଷରୋପଣ ପୂର୍ବକ ପୂଜା କରାଯାଇଥିଲା। ସେହିପରି ଗ୍ରାମସଭାରେ ପାରମ୍ପରିକ ଭାବେ ଅଧିକୃତ ଜଙ୍ଗଲ ସୀମାରେ ହାତଲେଖା ସୂଚନା ଫଳକ ଲଗାଇ ଚିହ୍ନଟ କରାଯାଇଥିଲା। ଗାଁରେ ଆୟୋଜିତ ବୈଠକରେ ଏକ ଉତ୍ତରଦାୟୀ ପରିଚାଳନା କମିଟି ଗଠନ କରି ଜଙ୍ଗଲ ଅଧିକାର ଆଇନ ତଥା ପରିଚାଳନାଗତ ନୀତି ନିୟମ ଉପରେ ଆଲୋଚନା ହୋଇଥିଲା।

### ବିଶ୍ୱ ଏଡ୍ସ ଦିବସ ପାଳିତ

**ଝାରବନ୍ଧ,୨।୧୨(ଦେବେନ୍ଦ୍ର ସାହୁ):** ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ରେଡ୍‌କ୍ରସ ଯୁବ କାଉନସେଲର ଚିନ୍ତାମଣି ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିଲେ। ବର୍ତ୍ତମାନ ବୟସରୁ ଛାତ୍ରୀଛାତ୍ରୀମାନଙ୍କୁ ଏଡ୍ସ ଉପରେ ସଚେତନ କରାଗଲେ ଆଗାମୀ ଦିନରେ ସହାୟକ ହେବା ସହ ସେମାନେ ଜନସାଧାରଣଙ୍କୁ ସଚେତନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଡ. ଖ୍ୟାତିମୟ ତ୍ରିପାଠୀ, ମେଘନାଦ ସୁନା, ସଙ୍ଗୀତା ବରିହା ପ୍ରମୁଖ ନିଜସ୍ୱ ମତପ୍ରକାଶ କରିଥିଲେ। ସରିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ କାର୍ତ୍ତିକ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପାଳ ଗିରି, ଗୌରହରି ପ୍ରଧାନ, ଜ୍ୟୋତି ସାହୁ, ବେଣୁଧର ପାଣିଗ୍ରାହୀ, ହୃଦକେଶ ଭୋଇ, ଦୟାନିଧି ବିଶାଳ, ସୁରେନ୍ଦ୍ର ସା, ପଠାଣି ପ୍ରଧାନ, କୁମୁଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ସୁନା ଗହଣା ଦୋକାନରେ ଅଗ୍ନିକାଣ୍ଡ

**ସରଣ୍ଡା,୨।୧୨(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରାର ଏକ ସୁନା ଗହଣା ଦୋକାନରେ ସୋମବାର ଭୋର୍‌ରୁ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଦୋକାନରେ ରହିଥିବା ବିଭିନ୍ନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇ ଯାଇଛି। ବିଦ୍ୟୁତ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଦୋକାନରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଦୋକାନ ମାଲିକ ସନ୍ତୋଷ ମହାପାତ୍ରଙ୍କୁ ଖବର ଦେଇଥିଲେ। ସେ ପହଞ୍ଚିବା ବେଳକୁ ଦୋକାନ ସାମଗ୍ରୀ ପୋଡ଼ି ଯାଇଥିଲା। ସ୍ଥାନୀୟ ଅଗ୍ନିଶମ କେନ୍ଦ୍ର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ଅନେକ ସାମଗ୍ରୀ ନଷ୍ଟ ହୋଇସାରିଥିଲା। ଅତାବିରା ବଣିକ ସଂଘର କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଲାଲ ବାହାଦୁର ଶାସ୍ତ୍ରୀ କୃଷକ ସଂଘର ପ୍ରତିନିଧି।



ଗଣ୍ଡପାଲି ଗ୍ରାମର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି।



ବରଗଡ଼ ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

# ତୁଟୁନି ସମସ୍ୟା, ବଢୁଛି ଅସନ୍ତୋଷ

**ବରଗଡ଼ ଜିଲାରେ ଧାନବିକ୍ରି ସମସ୍ୟା**

**ବରଗଡ଼,୨।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଧାନବିକ୍ରି ସମସ୍ୟା ଥମିବାର ନାଁ ନେଉନାହିଁ। ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ୧୧ଦିନ ବିତିଛି। କିନ୍ତୁ ଆରମ୍ଭରୁ ଦେଖାଯାଇଥିବା ସମସ୍ୟା ସମାଧାନ ହୋଇ ପାରିନାହିଁ। ଟୋକନ କଟକଣା, ଗନିବ୍ୟାଗ୍ (ବସ୍ତା), କଟନୀଛଟନୀ ସମସ୍ୟା ଲାଗି ରହିଛି। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିଥିବାବେଳେ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି କ୍ରମରେ ସୋମବାର ଜିଲାର ବିଭିନ୍ନ ଅଞ୍ଚଳର କୃଷକ ସଙ୍ଗଠନର ପ୍ରତିନିଧି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଅମ୍ବାଭୋନା ବ୍ଲକର ଲାଲ ବାହାଦୁର ଶାସ୍ତ୍ରୀ କୃଷକ ସଂଘ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଚାଷୀମାନଙ୍କୁ ମିଳିଥିବା ଟୋକନରେ ଜମି ଅନୁପାତରେ ବିକ୍ରିଯୋଗ୍ୟ ଧାନ ପରିମାଣ ଯଥେଷ୍ଟ କମ୍ ରହିଛି। ଫଳରେ ଏହାକୁ ସଂଶୋଧନ କରିବାକୁ ଦାବି ହୋଇଛି। ସେହିପରି ଚାଷୀଙ୍କୁ ଗନିବ୍ୟାଗ, ସୁତୁଲି ଯୋଗାଇବା, ଧାନର ଗୁଣମାନ ପରୀକ୍ଷା ପାଇଁ ମଣ୍ଡିରେ ଟେଷ୍ଟିଂ ମେଶିନ ରଖିବା, ବର୍ଷା ଯୋଗୁ ଟୋକନ ଅବଧିକୁ ବିଳମ୍ବ କରା ନ ଯିବା, ବର୍ଷାରେ କ୍ଷତିଗ୍ରସ୍ତ ଧାନ ବାବଦ କ୍ଷତିପୂରଣ ଯୋଗାଇବାକୁ ଲାଲ ବାହାଦୁର ଶାସ୍ତ୍ରୀ କୃଷକ ସଂଘ ଦାବି କରିଛି। ସଂଘର ଠାକୁରରାମ ପଟେଲ, ଶଙ୍କର ଖମାରୀଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

ସେହିପରି ବରଗଡ଼ ବ୍ଲକ କଲାପାଣି ଅଞ୍ଚଳର ଚାଷୀମାନେ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଟୋକନ ସମସ୍ୟାର ତୁରନ୍ତ ସମାଧାନ, ଜମି ଅନୁପାତରେ ଚାଷୀଙ୍କୁ ଟୋକନ ପ୍ରଦାନ, ମଣ୍ଡିରେ ଚାଷୀଙ୍କୁ ବସ୍ତା ଯୋଗାଇବା, ଧାନର ଗୁଣମାନ ପରୀକ୍ଷା ପାଇଁ ଗ୍ରେନ ଏନାଲାଇଜର ମେଶିନ ବ୍ୟବହାରକୁ ବନ୍ଦ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଆସନ୍ତା ୩ଦିନ ମଧ୍ୟରେ ଉକ୍ତ ଦାବି ସମୂହ ପୂରଣ ନ ହେଲେ ସେମାନେ କଲାପାଣି ମଣ୍ଡି ସମ୍ମୁଖ ରାଜପଥରେ ଧାନ ପକାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଚାଷୀନେତା ସୁରେଶ ନେକାଣ୍ଟି, ରମଣୀ ଦନ୍ତା, ଗୋପବନ୍ଧୁ ଗୁରାଣ୍ଡି, ସରୋଜ ପ୍ରଧାନ, ସୁଶାନ୍ତ ପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ବରଗଡ଼ ବ୍ଲକ ଗଣ୍ଡପାଲି ଗ୍ରାମର ଚାଷୀମାନେ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମଠାରୁ ମଣ୍ଡି ଦୂରରେ ରହିଥିବାରୁ ଧାନବିକ୍ରିରେ ହଟହଟା ହେବାକୁ ପଡୁଛି ବୋଲି ଚାଷୀମାନେ କହିଛନ୍ତି। କୁରୁଆଁ ମଣ୍ଡି ଉପରେ ସେମାନେ ନିର୍ଭର କରୁଛନ୍ତି। କିନ୍ତୁ ଉକ୍ତ ମଣ୍ଡି ଗ୍ରାମଠାରୁ ଦୂରରେ ଥିବା ଯୋଗୁ ସେଠାକୁ ଧାନ ପରିବହନରେ ସମସ୍ୟା ଉପୁଜୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କୁରୁଆଁ ଗ୍ରାମର ଚାଷୀମାନେ ଉକ୍ତ ମଣ୍ଡିରେ ନିର୍ଭର କରୁଛନ୍ତି ଏବଂ ମଣ୍ଡିକୁ ବିକ୍ରି ପାଇଁ ଆଣି ଧାନ ଗଦା କରୁଛନ୍ତି। ଏଭଳିସ୍ଥଳେ କୁରୁଆଁ ଗ୍ରାମର ଚାଷୀଙ୍କ ଧାନରେ ମଣ୍ଡି ପରିସର ପୂରିଯାଉଛି ଏବଂ ସ୍ଥାନାଭାବ ଦେଖାଯାଉଛି। ଫଳରେ ଗଣ୍ଡପାଲି ଗ୍ରାମରେ ଏକ ଧାନମଣ୍ଡି ଖୋଲିବାକୁ ନରେନ୍ଦ୍ର କର୍ଣ୍ଣ, ରବିନ୍ଦ୍ର ନାଏକଙ୍କ ସମେତ ଅନେକ ଚାଷୀ ଦାବି କରିଛନ୍ତି।

### ଜ୍ୟୋତିଷ ପ୍ରବୀଣ, କର୍ମକାଣ୍ଡ ବିଶାରଦ ପରୀକ୍ଷା

**ବରଗଡ଼,୨।୧୨(ପ୍ରେମାନନ୍ଦ ଖମାରୀ)**

ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତି ପକ୍ଷରୁ ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ଜ୍ୟୋତିଷ ପ୍ରବୀଣ ଓ କର୍ମକାଣ୍ଡ ବିଶାରଦ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ହୋଇଥିବା ବ୍ଲକସ୍ତରୀୟ ପରୀକ୍ଷାରେ ମନୋନୀତ ପଣ୍ଡିତମାନେ ଏହି ପରୀକ୍ଷାରେ ସାମିଲ ହୋଇଥିଲେ। ସମିତି ସଭାପତି ପଣ୍ଡିତ କୀର୍ତ୍ତିଚନ୍ଦ୍ର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ଜୟଦେବ ପଣ୍ଡା ପରୀକ୍ଷା ପରିଚାଳନା କରିଥିଲେ। ପଣ୍ଡିତ ପ୍ରିୟବ୍ରତ କର, ରଘୁନନ୍ଦନ ବିର୍ତ୍ତିଆ, ଆଲୋକ ପଣ୍ଡା, ଫୌଜଲାଲ ନନ୍ଦ, ଦେବରାଜ ପଣ୍ଡା ଜ୍ୟୋତିଷ ପ୍ରବୀଣ ପରୀକ୍ଷକ ଭାବେ ଯୋଗଦାନ କରିଥିଲେ। ସେହିପରି ପଣ୍ଡିତ ମୁରଲୀଧର ପଣ୍ଡା, ହେମନ୍ତ ମିଶ୍ର, ସୁବଳ ପଣ୍ଡା, ପ୍ରେମାନନ୍ଦ ଦେବତା ପରୀକ୍ଷକ ରହିଥିଲେ। ଆସନ୍ତା ୧୪ତାରିଖରେ ସମିତିର ରୌପ୍ୟ ଜୟନ୍ତୀ ସମାରୋହରେ ଫଳାଫଳ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।



ପରୀକ୍ଷାରେ ଉପସ୍ଥିତ ଆୟୋଜକବୃନ୍ଦ।




ଦେଶୀ ବିହନ ଓ ଖାଦ୍ୟମେଳାରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜୈବିକ ଚାଷ, ପୁଷ୍ଟିକର ଖାଦ୍ୟକୁ ଗୁରୁତ୍ୱ

**ବରଗଡ଼,୨।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କାଦମ୍ବିନୀ କଲ୍ୟାଣ ମଣ୍ଡପରେ ସୋମବାର ଦେଶୀ ବିହନ ଓ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଦେଶୀ ବିହନ ସୁରକ୍ଷା ମଞ୍ଚ ଏବଂ ଭିତ୍ତିଭୂମି ସେବା ସଙ୍ଗଠନ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ୧୫୦ଜଣ ମହିଳା ପୁରୁଷ ଜୈବିକ ଚାଷୀ ଅଂଶଗ୍ରହଣ କରିଥିଲେ। ଜଳବାୟୁ ପରିବର୍ତ୍ତନ ସମୟରେ ପୁଷ୍ଟିଯୁକ୍ତ ଫସଲ, ଜୈବିକ ଚାଷ, ସୁସ୍ଥ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୁସ୍ଥ ଖାଉଟି, ସମୃଦ୍ଧ ଚାଷୀଙ୍କୁ ଗୁରୁତ୍ୱ ଦେଇ ଆବଶ୍ୟକ କରୁଥିବା ଖାଦ୍ୟଗୁଣ, ଚାଷ ପଦ୍ଧତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦାଶରଥୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଭିତ୍ତିଭୂମି ସେବା ସଙ୍ଗଠନର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ଖାଉଟି, ଉତ୍ପାଦକ ମିଶି ଏକ ସେତୁ ଭାବେ କାର୍ଯ୍ୟ କରି ଖାଉଟିମାନଙ୍କ ପାଖକୁ ଜୈବିକ ଚାଷ ଏବଂ ଉତ୍ପାଦିତ ଦ୍ରବ୍ୟ ପହଞ୍ଚାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ବରଗଡ଼ର ଦେଶୀ କାଫେରେ ମାଣ୍ଡିଆ, କୁଦୋରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବା ଉପରେ ମହାନ୍ତି ଗୁରୁତ୍ୱାରୋପ କରିଥିଲେ। ଅଜିତ ପାଣିଗ୍ରାହୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଡ. ତପସ୍ୱିନୀ ଗୁରୁ, ସାହିତ୍ୟିକ ଆଦିତ୍ୟ ପ୍ରସାଦ ମିଶ୍ର, ଅହିଂସା କ୍ଲବ ସମ୍ପାଦକ ଶିବପ୍ରସାଦ ସାହୁ, ବରଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ନୃସିଂହ ଚରଣ ବାରିକ, ଡ. ସୁମନ ଅଗ୍ରୱାଲ, ଜୟ କିଷାନ ଆନ୍ଦୋଳନର ସଭାପତି ସୁଶିଲ କୁମାର ସାହୁ, ସମ୍ପାଦକ ହର ବଣିଆ, ଶ୍ୟାମ ଅଗ୍ରୱାଲ, ଶ୍ୟାମଲାଲ ନାଏକ ପ୍ରମୁଖ ଜୈବିକ ଚାଷ, ପୁଷ୍ଟିଯୁକ୍ତ ଖାଦ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୬ଜଣ ମହିଳା ପୁରୁଷ ଜୈବିକ ଚାଷୀଙ୍କୁ ଆଦର୍ଶ ଦେଶୀ ବିହନ ସଂରକ୍ଷଣ ଓ ଜୈବିକ ଚାଷୀ ଭାବେ ପୁରସ୍କୃତ କରାଯାଇଥିଲା। ବାଉଲସିଂହା, ଖେଦାପାଲି, ବାଞ୍ଜିବାହାଲି, ବରଗାଁ, ବାରଗାଡ଼ର ମହିଳା ଜୈବିକ ଚାଷୀମାନେ ବିଭିନ୍ନ ପ୍ରକାର ପନିପରିବା, ଖାଦ୍ୟ ପ୍ରଦର୍ଶନ କରିବା ସହିତ ଉପସ୍ଥିତ ଚାଷୀମାନଙ୍କୁ ଖାଇବାକୁ ମଧ୍ୟ ଦେଇଥିଲେ। ମାନସିଂ ଲୋହାର, ବିକୁ ପ୍ରଧାନ, ସୁଖଦେବ ସ୍ୱାଇଁ, ଜଗଦା ନାଏକ, ଗୁରୁଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### କଲର୍ ବେଲ୍ଟ ପ୍ରମୋଶନ ପରୀକ୍ଷା

**ବରଗଡ଼,୨।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଜିଲା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ କଲର୍ ବେଲ୍ଟ ପ୍ରମୋଶନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାରେ ୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲା ଟାଏକୋଣ୍ଡୋ ସଂଘ ଏବଂ ବିଜୟ ଟାଏକୋଣ୍ଡୋ ଏକାଡେ଼ମୀର ମିଳିତ ଆନୁକୂଲ୍ୟରେ ଉକ୍ତ ପରୀକ୍ଷା କରାଯାଇଥିଲା। ଟାଏକୋଣ୍ଡୋ ଆସୋସିଏଶନ ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ଟାଏକୋଣ୍ଡୋ ଆସୋସିଏଶନ ସଭାପତି ନବକିଶୋର ପାଣିଗ୍ରାହୀ, ସମ୍ପାଦକ ବିଜୟ କୁମାର ଭୋଇ ପ୍ରମୁଖ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲାର ୨ଜଣ ଖେଳାଳି ଅନୁଭବ ନନ୍ଦ ଏବଂ ଆହ୍ୱାନ ମିଶ୍ର ବ୍ଲାକବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଆଶୁତୋଷ ରଥ, ଶ୍ରୀୟା ମିଶ୍ର, ରିଙ୍କୁ ବଗର୍ତ୍ତି ସହଯୋଗ କରିଥିଲେ।

### ହନୁମାନ ଚାଳିଶା ଯଜ୍ଞ ପାଇଁ ଧ୍ୱଜପୂଜନ

**ସୋହେଲା,୨।୧୨(ଅଶ୍ୱିନୀ କୁମାର ପାତ୍ର)**

ସୋହେଲାରେ ଆସନ୍ତା ୧୦ ତାରିଖରେ ହେବାକୁ ଥିବା ସାର୍ବଜନୀନ ହନୁମାନ ଚାଳିଶା ଯଜ୍ଞ ପାଇ ଧ୍ୱଜପୂଜନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଦୁର୍ଗାମନ୍ଦିରରେ ପଣ୍ଡିତ ରବିନାରାୟଣ ଦେବତା, ସୁମନ୍ତ ପାଣିଗ୍ରାହୀ, ବିନୋଦ ବିହାରୀ ମହାପାତ୍ର ଏହି ପୂଜା କାର୍ଯ୍ୟ ସମାପନ କରିଥିଲେ। ଯଜ୍ଞ କମିଟି ସଭାପତି ବଲବୀର ସିଂ ଠାକୁର, ବରିଷ୍ଠ ସଦସ୍ୟ ପ୍ରମୋଦ ଦେବତା, ଗିରଜେଶ ଖାଡଙ୍ଗା, ଲଳିତ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ସାହୁ, ଶତ୍ରୁଘ୍ନ ଭଞ୍ଜ, ସଞ୍ଜୀବ ଝାଙ୍କର, ଚନ୍ଦ୍ର ଅଗ୍ରୱାଲ, ପ୍ରକାଶ ମିଶ୍ର, ରୁଦ୍ର ପ୍ରତାପ ସାହୁ, ବବଲୁ ଅଗ୍ରୱାଲ, ଉଦିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୯ତାରିଖରେ ହେବାକୁ ଥିବା ଝଣ୍ଡାଯାତ୍ରା ଏବଂ ଯଜ୍ଞ କାର୍ଯ୍ୟକ୍ରମ ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

### ଅଭିଯୋଗର ତ୍ୱରିତ ସମାଧାନ ନିର୍ଦ୍ଦେଶ




ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ବରଗଡ଼,୨।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଏସ୍‌ପି ପି.ଏସ୍ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ ଆଦି ସମସ୍ୟା ଆଧାରିତ ୯୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୮୧ ବ୍ୟକ୍ତିଗତ, ୧୫ ସାମୂହିକ ଏବଂ ଗୋଟିଏ ରେଡ୍‌କ୍ରସ ସମ୍ବନ୍ଧୀୟ ଥିଲା। ସମସ୍ତ ଅଭିଯୋଗ ଶୁଣି ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଜିଲାପାଳ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିରୁପମା ଷଡ଼ଙ୍ଗୀ, ବିଡ଼ିଓ ତ୍ରିପୁରା ମହାନନ୍ଦ, ଏବିଡ଼ିଓ ପ୍ରୀତିଶ ଦୋରା, ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସରିବା ପରେ ଜିଲାପାଳ ଗୋୟଲ ଭେଡ଼େନ ଡାକ୍ତରଖାନା ସମେତ ତାଲପାଲି, ଗାଇସୀମା, ଖଣ୍ଡହଥା ଧାନମଣ୍ଡି ପରିଦର୍ଶନରେ ଯାଇଥିଲେ।

# ବିକାଶରେ ବିଶ୍ୱ କମ୍ପ୍ୟୁଟର ସ୍ୱାକ୍ଷରତା ଦିବସ

**ବରଗଡ,୨।୧୨(ପ୍ରେମାନନ୍ଦ ଖମାରୀ)**

ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟରେ ବିଶ୍ୱ କମ୍ପ୍ୟୁଟର ସ୍ୱାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାରେ ପ୍ରଯୁକ୍ତିର ଭୂମିକା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ ଓ ବିକାଶ ଡିଗ୍ରୀ କଲେଜ କମ୍ପ୍ୟୁଟର ସାଇନ୍ସ ବିଭାଗର ସମସ୍ତ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଅଧକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ ଡିଜିଟାଲ ଦୁନିଆଁରେ ଛାତ୍ରୀଛାତ୍ରଙ୍କୁ ସାକ୍ଷରତା ଦେବାର ଆବଶ୍ୟକତା ବିଷୟରେ ଉପସ୍ଥାପନ କରିଥିଲେ। ଉପାଧ୍ୟକ୍ଷ ଦୀପକ କୁମାର ନାୟକ ଓଡ଼ିଆ ଯୁବପିଢ଼ିକୁ ପ୍ରଯୁକ୍ତି ସାକ୍ଷର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଇଣ୍ଟରେକ୍ଟିଭ୍ ସେସନ, ଡେମୋନଷ୍ଟ୍ରେଶନ ଏବଂ ଡିଜିଟାଲ ସାକ୍ଷରତା ପ୍ରଚାର କରିବାକୁ ପ୍ରତିଜ୍ଞା ଗ୍ରହଣ କରାଯାଇଥିଲା। ବିସିଏ ଶେଷବର୍ଷର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଶ୍ୱ କମ୍ପ୍ୟୁଟର ସ୍ୱାକ୍ଷରତା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

### ଉର୍ଜା ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

**ପଦ୍ମପୁର,୨।୧୨ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟରେ ଉର୍ଜା ସଂରକ୍ଷଣ ଉପରେ ଏନର୍ଜି କ୍ଲବ ଲିଖିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିଳାଷ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୧୬୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାରେ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ଛାତ୍ର ମଳୟ ମେହେର ପ୍ରଥମ, ପିୟୁଷ ରଞ୍ଜନ ବେହେରା ଦ୍ୱିତୀୟ ଏବଂ ପୁରେନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜ୍ୟୋତିର୍ମୟୀ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ରାଶି ସମେତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରମୋଦ ନାଥ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରୀତିରଶ୍ମୀ ସେଠ୍ କାର୍ଯ୍ୟକ୍ରମ ସଂଯୋଜନା ଏବଂ ତୃପ୍ତିମୟୀ ଝଗରା ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଉଛି।

# ବିକାଶ ଡିଗ୍ରୀ କଲେଜରେ ଏଡ୍ସ ଦିବସ




ବିକାଶ ଡିଗ୍ରୀ କଲେଜରେ ଏଡ୍ସ ଦିବସ ପାଳନରେ ମଞ୍ଚାସୀନ ଅତିଥି।

**ବରଗଡ଼,୨।୧୨(ପ୍ରେମାନନ୍ଦ ଖମାରୀ)**

ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜରେ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ଡିନ୍ (ଷ୍ଟୁଡେ଼ଣ୍ଟ ୱେଲଫେୟାର) ଆର୍. ଏସ୍. ଭି କ୍ରିଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏଡ୍ସ ଉପରେ ସଚେତନ କରିଥିଲେ। କଳା ବିଭାଗର କୋର୍ଡିନେଟର ତଥା ରେଡ୍‌କ୍ରସ କାଉନସେଲର ଅଧ୍ୟାପକ ସୁରଜ ପଣ୍ଡା ଯୁବ ସମାଜର ଭୂମିକା ଉପରେ ତଥ୍ୟ ପ୍ରଦାନ କରିଥଲେ। ଆରମ୍ଭରେ ଜୀବବିଜ୍ଞାନର ଛାତ୍ର ବୋମକେଶ ଏବଂ ନୟନ ପାୱାରପଏଣ୍ଟ ମାଧ୍ୟମରେ ଏଡ୍ସର ଭୟାବହତା, ସଚେତନତାର ଏକ ରୂପ ପ୍ରଦାନ କରିଥିଲେ। ଏହି ସଭାକୁ ସ୍ୱୟଂଦୀପ ପରିଚାଳନା କରିଥିବା ବେଳେ ଆକାଂକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ। ବାୟୋଲୋଜିକାଲ ସାଇନ୍ସର କୋର୍ଡିନେଟର ଅଧ୍ୟାପକ ସୁଦାମ ମିଶ୍ର, ଫିଜିକାଲ ସାଇନ୍ସର କୋର୍ଡିନେଟର ଅଧ୍ୟାପକ ଆଦିତ୍ୟ ପଧାନ, ଅଧ୍ୟାପିକା ତ୍ରିବେଣୀ ସାହୁ, ଶତାବ୍ଦୀ ରାଏ, ସ୍ୱାଗତିକା ନାଏକ, ଶ୍ୱେତଲିନା ମିଶ୍ର ଏବଂ ଅଧ୍ୟାପକ ସୁମିତ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ।

### ବିଶ୍ୱ ଏଡ୍ସ ଦିବସ: ପୋଷ୍ଟରରେ ସ୍ୱାସ୍ଥ୍ୟବାର୍ତ୍ତା

**ବରଗଡ,୨।୧୨(ପ୍ରେମାନନ୍ଦ ଖମାରୀ)**




ଏଡ୍ସ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ଏବଂ ବିକାଶ ମଲ୍ଟିସ୍ପେଶାଲିଟି ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ରବିବାର ବିକାଶ ମଲ୍ଟିସ୍ପେଶାଲିଟି ହସ୍ପିଟାଲରେ ବିଶ୍ୱ ଏଡ୍ସଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନର୍ସିଂ କଲେଜର ଚତୁର୍ଥ ସେମିଷ୍ଟର ଛାତ୍ରୀଛାତ୍ରମାନେ ଏ ବର୍ଷର ଥିମ୍ ଉଚିତ୍ ମାର୍ଗ ଚୟନ କରିବା–ମୋ ସ୍ୱାସ୍ଥ୍ୟ, ମୋ ଅଧିକାର' ଉପରେ ପୋଷ୍ଟର ମାଧ୍ୟମରେ ସ୍ୱାସ୍ଥ୍ୟବାର୍ତ୍ତା ପ୍ରଦାନ କରିଥିଲେ। ବିକାଶ ମଲ୍ଟିସ୍ପେଶାଲିଟି ହସ୍ପିଟାଲର ଡା. ସୁଶାନ୍ତ ମେହେର ଏଡ୍ସ ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ବିକାଶ ନର୍ସିଂ କଲେଜର ଅଧକ୍ଷା ଦୀପାଳି ପଟେଲ ଏଡ୍ସ୍ ଦିବସ ପାଳନର ଗୁରୁତ୍ୱ ବିଷୟରେ ବୁଝାଇଥିଲେ।

# କଲେଜ ଛାତରୁ ପଡ଼ି ଶ୍ରମିକ ମୃତ

ରାଉରକେଲା/ବନ୍ଧମୁଣ୍ଡା,୨।୧୨ (ସଙ୍ଗୀତା ଜେନା/ସୁବ୍ରତ ଦେ)

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଜବାଘାଟ ଅଞ୍ଚଳରେ ନିର୍ମାଣାଧୀନ ଏକ ଘରୋଇ କଲେଜ ଛାତରୁ ପଡ଼ିଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମହେଶ ତିର୍କୀ(୩୦) ଏବଂ ସେ ଝାଡ଼ଖଣ୍ଡ ନିବାସୀ ଅଟନ୍ତି। ପୋଲିସ ଏକ ମାମଲା (ନଂ.୨୯/୨୪) ରୁଜୁ କରିବା ସହ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମହେଶ ରଘୁନାଥପାଲୀ ଥାନା ଦେଓଗାଁର ଲାହରୁ ବାର୍ଲାଙ୍କ ପାଖରେ ରହୁଥିଲେ। ସେ ରବିବାର ଏକ ଘରୋଇ କଲେଜର ଛାତରେ ଚଢ଼ି କାମ କରୁଥିବା ବେଳେ ଖସିପଡ଼ିଥିଲେ। କଲେଜ କର୍ତ୍ତୃପକ୍ଷ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଖୁଚୁରା ବିକ୍ରେତା ସଂଘର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା,୨।୧୨(ବିପ୍ଳବ ରଞ୍ଜନ ଦାଶ)



ଆର୍‌ଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସର୍ବଭାରତୀୟ ଡିଲର୍ସ ଫେଡେରେଶନ ଓଡିଶା ଶାଖାର ଆହ୍ୱାନ କ୍ରମେ ରାଉରକେଲା ସରକାରୀ ଖୁଚୁରା ବିକ୍ରେତା ସଂଘ ପକ୍ଷରୁ ୭ଦଫା ଦାବି ନେଇ ସୋମବାର ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାରତର ଅନ୍ୟ ରାଜ୍ୟମାନଙ୍କ ପରି କୁଇଣ୍ଟାଲ ପ୍ରତି ୨ଶହ ଟଙ୍କା ପାରିଶ୍ରମିକ ପ୍ରଦାନ, ଯୋଗାଣ ମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଖୁଚୁରା ବିକ୍ରେତାମାନଙ୍କୁ କରୋନା ମହାମାରୀ ସମୟରୁ ଆଜିଯାଏ ବକେୟା ଥିବା ସମସ୍ତ ପାରିଶ୍ରମିକ ଦେୟ ଏକାକାଳୀନ ପ୍ରଦାନ, ଖୁଚୁରା ବିକ୍ରେତାମାନଙ୍କୁ ଇ-କେୱାଇସି ବାବଦ ଅର୍ଥ ପ୍ରଦାନ, ଖାଦ୍ୟ ସାମଗ୍ରୀ ବଣ୍ଟନ ସମୟରେ ସର୍ଭର ଡାଉନ, ଲିଙ୍କ ଫେଲ ଓ ନେଟୱର୍କ ସମସ୍ୟାର ସ୍ଥାୟୀ ସମାଧାନ ଆଦି ଦାବି ହୋଇଥିଲା। ଏହି ବିକ୍ଷୋଭରେ ରାଉରକେଲା ସରକାରୀ ଖୁଚୁରା ବିକ୍ରେତା ସଂଘ ସଭାପତି ରିତ କୁମାର ନାୟକ, ସାଧାରଣ ସମ୍ପାଦକ ଦଣ୍ଡହରି ସାମଲ, ସମ୍ପାଦକ ଦିଲୀପ କୁମାର ଦାସ, ରୁଦ୍ର ନାରାୟଣ ସାହୁ, କୋଷାଧ୍ୟକ୍ଷ କରୁଣାକର ପ୍ରହରାଜ, ଉପକୋଷାଧ୍ୟକ୍ଷ ଜୀବନଧର ଚୌହାନ, ହିସାବ ନିରୀକ୍ଷକ ଗଙ୍ଗାଧର ନନ୍ଦୀ, ଉପସଭାପତି ସମ୍ରାଟ ଧଳସାମନ୍ତ, ଶରତ ବେହେରା, ଗୌରାଙ୍ଗ ଦାସ, ତପନ ପାତ୍ର, ସହସମ୍ପାଦକ ପ୍ରକାଶ ଆଚାର୍ଯ୍ୟ, ଅଜୟ କୁମାର ସ୍ୱାଇଁ, ଅର୍ଜ୍ଜୁନ କୁମାର ରଥ, ଅବତାବ ଅଲ୍ଲୀ ଖାନ, କୃଷ୍ଣ ମହନ୍ତ, ସୁନୀତା ରାଉତ ଓ ଲକ୍ଷ୍ମୀପ୍ରିୟା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ମିଳିନି ସ୍କୁଲ ୟୁନିଫର୍ମ

ରାଉରକେଲା,୨।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଜିଲା ବିଶ୍ରା ଶିକ୍ଷାଞ୍ଚଳରେ ଶିକ୍ଷାବର୍ଷ ଆରମ୍ଭ ହେବାର ୯ମାସ ବିତିଥିଲେ ମଧ ଏପର୍ଯ୍ୟନ୍ତ ୧ମରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ୟୁନିଫର୍ମ, ଜୋତା ଓ ମୋଜା ପ୍ରଦାନ କରାଯାଇନାହିଁ। ସରକାରୀ ସ୍କୁଲଗୁଡିକର ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ପ୍ରତି ଆଗ୍ରହ ବଢାଇବା ଲାଗି ସରକାର ଯୋଜନା ପରେ ଯୋଜନା କରି କୋଟି କୋଟି ଟଙ୍କା ବ୍ୟୟବରାଦ କରୁଥିବା ବେଳେ ବାସ୍ତବରେ ଏହା ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଆଉ କେବଳ ୩ ମାସ ପରେ ସମସ୍ତ ସରକାରୀ ସ୍କୁଲରେ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। ମାତ୍ର ବିଶ୍ରା ଶିକ୍ଷାଞ୍ଚଳର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ଏଯାଏ ୟୁନିଫର୍ମ, ଜୋତା ଓ ମୋଜା ମିଳିନାହିଁ।

ପ୍ରକାଶ ଥାଉକି, ରାଉରକେଲା ଜିଲା ବିଶ୍ରା ଶିକ୍ଷାଞ୍ଚଳରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୪୩ଟି ସରକାରୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସରକାରୀ ସ୍କୁଲ ରହିଛି। ଏହିସବୁ ସ୍କୁଲରେ ୬୯୮୧ଜଣ ଛାତ୍ର ଏବଂ ୬୮୮୨ଜଣ ଛାତ୍ରୀ ଏହିପରି ମୋଟ୍ ୧୩ହଜାର ୮୬୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କେବଳ ୯ମ ଏବଂ ୧୦ମ ଶ୍ରେଣୀ ପିଲାମାନଙ୍କୁ ସ୍କୁଲ ୟୁନିଫର୍ମ ସହିତ ଜୋତା ଏବଂ ମୋଜା ପ୍ରଦାନ କରାଯାଇଥିବା ବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ଏଥିରୁ ବାଦ୍ ରଖିବା ଯୋଗୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବିଶ୍ରା ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଆସନ୍ତା ସପ୍ତାହେ ମଧ୍ୟରେ ବିଶ୍ରା ଶିକ୍ଷାଞ୍ଚଳର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସରକାରୀ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ୟୁନିଫର୍ମ ସହ ଜୋତା ଓ ମୋଜା ପ୍ରଦାନ କରାଯିବ। ଏ ନେଇ ଏମ୍ଏସ୍ଏମ୍ଇ ଓ ଏସ୍ଏଚ୍‌ଜିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ।


ବିନା ୟୁନିଫର୍ମରେ ସ୍କୁଲ ଛାତ୍ରୀଛାତ୍ର।

# ବିଦ୍ୟୁତ୍ କର୍ମଚାରୀ ମହାସଂଘର କଳାବ୍ୟାଜ୍ ପରିଧାନ

ରାଉରକେଲା,୨।୧୨(ସଙ୍ଗୀତା ଜେନା)

୧୧ କେଭି କର୍ମଚାରୀଙ୍କୁ ମେଣ୍ଟେନାନ୍ସରୁ କାପେକ୍ସକୁ ସ୍ଥାନାନ୍ତର ବନ୍ଦ କରିବା, ଗ୍ରୀଡ୍ କର୍ମଚାରୀଙ୍କ ଏମ୍ଓସି ବନ୍ଦ କରିବା, ଗ୍ରୀଡ୍‌ର ଏମ୍ଓସି କର୍ମଚାରୀଙ୍କୁ ୩ ଚକିଆ ଟେମ୍ପୋ ଚଳାଇବା ପାଇଁ ବାଧ୍ୟ କରିବା, ରେଗୁଲାର କର୍ମଚାରୀଙ୍କୁ ୨୦୨୦ରୁ ବକେୟା ୱେଜ ରିଭିଜନ୍‌କୁ ଡିସକମ୍‌ରେ ଲାଗୁ କରିବା ପାଇଁ ଅହେତୁକ ବିଳମ୍ବ ତଥା ଟାଳଟୁଳ ନୀତି ଅବଲମ୍ବନ ବିରୋଧରେ ସୋମବାରଠାରୁ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ କରାଯାଇଛି। ଏହି କ୍ରମରେ ରାଉରକେଲାର ବିଭିନ୍ନ ପାୱାର ଷ୍ଟେଶନରେ ନିୟୋଜିତ ଠିକା ଓ ସ୍ଥାୟୀ କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ। ୱେଷ୍ଟର୍ନ ଜୋନ୍ ସମ୍ପାଦକ ତାପସ ନାଥଙ୍କ ନେତୃତ୍ୱରେ ବିବେକାନନ୍ଦ ମଲ୍ଲିକ, ତପନ ଜେନା, ଶୁଖଦେବ ସାହୁ, ପ୍ରଶାନ୍ତ ବେହେରା, ମୁକେଶ ମୁଖାର୍ଜୀ, ଅସିତ୍ ମହାପାତ୍ର, ଅନୀଲ ଶର୍ମା, ପ୍ରଦୀପ ବେହେରା, ଯଶୋବନ୍ତ ଶାହା, ରିଙ୍କୁ ସେଠୀ, ଅରୁଣ ମହାପାତ୍ରଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରତିବାଦ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସେହିପରି ରାଉରକେଲା ବ୍ୟତୀତ ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୋନପୁରରେ ଏହି ପ୍ରତିବାଦ କରାଯାଇଛି। ଦାବି ଗୁଡ଼ିକ ପୂରଣ ନ ହେଲେ ରାଜ୍ୟବ୍ୟାପୀ ଧାରଣା ପ୍ରଦର୍ଶନ ହେବ ବୋଲି ସଂଘ ଚେତାବନୀ ଦେଇଛି।




# ମ୍ୟୁଜିକ୍ ସର୍କଲର ବିଜୟା ଉତ୍ସବ

ରାଉରକେଲା,୨।୧୨(ଦିନେଶ ମିଶ୍ର)

ରାଉରକେଲାର ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକ୍ ସର୍କଲ ଆନୁକୂଲ୍ୟରେ ବିଜୟା ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମ୍ୟୁଜିକ ସର୍କଲ ପରିଚାଳିତ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଳକା ଚାନ୍ଦଙ୍କ ରଚିତ 'ଜାଗୋ ମା ଜନନୀ ଜାଗୋ' ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ. କିଶୋରୀ ଦାଶ ଯୋଗଦେଇ ବିଜୟା ଉତ୍ସବର ତାତ୍ପର୍ଯ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୁରୁଶ୍ରୀ ବୁଦ୍ଧପ୍ରସାଦ ରାଓଙ୍କ ଛୋଟା ଖୟାଲ ଓ ଆଧୁନିକ ସଙ୍ଗୀତ ଏବଂ ରାଜଲକ୍ଷ୍ମୀ କବିଙ୍କ ସହ କୁମାରୀ ତନୁଶ୍ରୀଙ୍କ କଣ୍ଠରୁ ଗଜଲ ପରିବେଷଣ ଶ୍ରୋତାମାନଙ୍କୁ ଆକର୍ଷିତ କରିଥିଲା। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ଗୁରୁଶ୍ରୀ ବିଭୂତି ପତି, ନରେନ୍ଦ୍ର ନାୟକ, ମନୋଜ ନାୟକ, ଅମିତ ରଣା, ଉମେଶ ଏବଂ ବି. ଚନ୍ଦ୍ରଶେଖର ରାଓ। ଶେଷରେ ଗୁରୁ ସୁଦେଷ୍ଣା ରାଉତଙ୍କ ନିର୍ଦ୍ଦେଶନାରେ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସହ ସାଧାରଣ ସମ୍ପାଦକ ବିବେକାନନ୍ଦ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ମ୍ୟୁଜିକ୍ ସର୍କଲର ସଙ୍ଗଠନ ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୭୬ତମ ଏନ୍‌ସିସି ଦିବସ ପାଳିତ

ରାଉରକେଲା,୨।୧୨(ଦିନେଶ ମିଶ୍ର)

ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏନ୍ଆଇଟି କ୍ୟାମ୍ପସ ରାଉରକେଲାରେ ଦ୍ୱିତୀୟ ଓଡ଼ିଶା ଏୟାର ସ୍କ୍ୱାର୍ଡନ ଫ୍ଲାଇଂ ଏନ୍‌ସିସି ଝାରସୁଗୁଡାର କ୍ୟାଡେଟମାନଙ୍କ ଦ୍ୱାରା ୭୬ତମ ଏନସିସି ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍ଆଇଟିର ପ୍ରଫେସର ଡକ୍ଟର ଅଜିତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍‌ସିସିର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସହ ଫ୍ଲାଇଂ ଏନ୍‌ସିସି ଅଫିସର ସରୋଜ କୁମାର ଜେନା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ ସଭାପତିତ୍ୱ ଅଭିଭାଷଣ ରଖିଥିଲେ। ବରିଷ୍ଠ କ୍ୟାଡେଟ ରଣଜିତ ସାହୁ ଓ କନିଷ୍ଠ କ୍ୟାଡେଟ୍ ସିମରନ ସାହା ଏନସିସି ଦିବସ ପାଳନ ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ କ୍ୟାଡେଟମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୀନତି ଖମାରୀ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷକ ସୀତାରାମ ସାହୁ, ହରିଶଙ୍କର କାମିଲା, ନିରୁପମା ପତି, ପ୍ରମିଳା ଡୁଙ୍ଗଡୁଙ୍ଗ, ସୁଜାତା ମିଶ୍ର, ମମତା ସେନାପତି, ସସ୍ମିତା ପଟ୍ଟନାୟକ, ସୁରେଖା ନାୟକ, ଯତିନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ପ୍ରାକ୍ତନ କ୍ୟାଡେଟ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଛବିରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ବୈଠକ

ରାଉରକେଲା,୨।୧୨(ସଙ୍ଗୀତା ଜେନା)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ସୁନ୍ଦରଗଡ ଜିଲାର ବୈଠକ ରବିବାର ସେକ୍ଟର-୨୦ସ୍ଥିତ କୋଏଲ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଷ୍ଟାର ପ୍ରାକ୍ତନ ସଭାପତି କୁଞ୍ଜବିହାରୀ ରାଉତ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ଶରତ ଚନ୍ଦ୍ର ସାହୁ, ରମାକାନ୍ତ ମଲ୍ଲିକ, କମଳାକାନ୍ତ ରାଉତ, ବ୍ରଜେନ୍ଦ୍ର ଦାଶ, କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟାନନ୍ଦ ବେହେରା ଓ ସୁନ୍ଦରଗଡ ଜିଲା ସମ୍ପାଦକ ସନ୍ତୋଷ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ରହି ଆଗାମୀ ୧୦ ତାରିଖରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ନାୟକ କହିଲେ ଯେ, ପୂର୍ବ ସରକାରଙ୍କ କଠୋର ମନୋଭାବ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ କୌଣସି ଅନୁଦାନ ମିଳିଲାନାହିଁ। ସେମାନେ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାକିରି କରିସାରିବା ପରେ ପେନସନ ଓ ଅବସରକାଳୀନ ସୁବିଧାରୁ ବଞ୍ଚିତ ହେଲେ। ଏହାସହ ଆହୁରି ଅନେକ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କିଛି ମାଦ୍ରାସା, ସଂସ୍କୃତ ଟୋଲ ଓ କଲେଜ ଅଛି, ସେମାନଙ୍କୁ ଅନୁଦାନ ମିଳିପାରୁନାହିଁ। ତେଣୁ ଏଭଳି ଅସୁବିଧାରେ ଶିକ୍ଷକ ଓ କର୍ମଚାରୀ କିପରି ଗୁଣାତ୍ମକ ଶିକ୍ଷାଦାନ କରିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏସବୁର ସମାଧାନ ପାଇଁ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ମହାସମାବେଶରେ ଯୋଗଦାନ ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ।



ବୈଠକରେ ଉପସ୍ଥିତ ଶିକ୍ଷକ ସଂଘ କର୍ମକର୍ତ୍ତା।


ପୁରସ୍କାର ପାଇଥିବା କୃତୀ ପ୍ରତିଯୋଗୀ।

# ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

ରାଉରକେଲା,୨।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉଦିତନଗର ସରକାରୀ ହାଇସ୍କୁଲ ସମ୍ମିଳନୀ କକ୍ଷରେ ରବିବାର ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ସମେତ ୪ଟି ବ୍ଲକର ୩୪ଟି ସରକାରୀ ସ୍କୁଲର ୧୩୯ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦିତନଗର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ ଏବଂ ଷ୍ଟାଫ୍ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ରାଉରକେଲା ପୋଲିସ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ରୀ ସନ୍ତୋଷିନୀ ସିଂହ ପ୍ରଥମ, ସରକାରୀ ଟାଉନ ହାଇସ୍କୁଲର ପ୍ରିୟଙ୍କା ସାହୁ ଦ୍ୱିତୀୟ ଏବଂ ବିଶ୍ରା ସରକାରୀ ହାଇସ୍କୁଲର ଆଲୋକ କୁଜୁର ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା।

## ୩ମାସ ପରେ ହେବ ବାର୍ଷିକ ପରୀକ୍ଷା

# ଭାଷା ପ୍ରୀତି ରହିଲେ ଓଡ଼ିଆ ସାହିତ୍ୟ ବଞ୍ଚିରହିବ

ରାଉରକେଲା,୨।୧୨(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ବାସନ୍ତୀ ପାଠାଗାର ସଭାଗୃହରେ ମାସିକ ସାହିତ୍ୟ ଆସର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଶ୍ରାଡାହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଧକ୍ଷ ଚିତ୍ତରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାଷା ପ୍ରତି ଆତ୍ମୀୟତା ରହିଲେ ଓଡ଼ିଆ ସାହିତ୍ୟ ବଞ୍ଚିରହିବ ବୋଲି ମତପ୍ରକାଶ କରିଥିଲେ। ଏହି ଆସରରେ ଓଡ଼ିଆ ଭାଷା ସାହିତ୍ୟର ବିକାଶ ଦିଗରେ ରାଉରକେଲା ସାଂସ୍କୃତିକ ଅନୁଷ୍ଠାନର ଅବଦାନ ଶୀର୍ଷକ ଉପରେ ବିଶିଷ୍ଟ ଗାଳ୍ପିକ ଭୂପେନ ମହାପାତ୍ର ବକ୍ତା ଭାବେ ଯୋଗଦେଇ ଆଲୋଚନା କରିଥିଲେ। ପାଠାଗାର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଗଳ୍ପ ପାଠ କରିଥିବାବେଳେ ପ୍ରଣତି ବେହେରା ସମୀକ୍ଷା କରିଥିଲେ। ଶୁଦ୍ଧ ଓ ସରଳ ଭାଷାରୁ ସାହିତ୍ୟ ସୃଷ୍ଟି ହୋଇଥାଏ। ସାହିତ୍ୟ ଯୋଗୁ ଏକ ଜାତିର ପରିଚୟ ଓ ସଂସ୍କୃତିର ଅସ୍ତିତ୍ୱ ମିଳିଥାଏ ବୋଲି ବକ୍ତା ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଏକ କବିତା ପାଠୋତ୍ସବ ହୋଇଥିଲା। କବି କିଶୋରୀ ମୋହନ କର ଓ ଗୀତାରାଣୀ ବେହେରା ଏହାକୁ ସଂଯୋଜନା କରିଥିଲେ। ସାଂସ୍କୃତିକ ସମ୍ପାଦିକା ସୁଭାଷିନୀ ସାହୁ ସଭା ପରିଚାଳନା କରିଥିଲେ। ବାସନ୍ତୀ ପାଠାଗାରର ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ, ଶରତ ଚନ୍ଦ୍ର ରାଉତ, ଶରତ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ସାବତ, ବିଭୁଦତ୍ତ ବେହେରା, ବିଜୟ କୁମାର ବରାଳ, ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ସାହିତ୍ୟ ଆସରରେ ଅତିଥି ଏବଂ ଅନ୍ୟମାନେ।

# ଚାଷୀଙ୍କୁ ଲାଭ ଦେଉଛି ସାପ୍ତାହିକ ହାଟ

ରାଉରକେଲା,୨।୧୨(ଦିନେଶ ମିଶ୍ର)

ରାଉରକେଲାର ପ୍ରାୟ ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ହାଟ ବସୁଥିବା ଦେଖିବାକୁ ମିଳୁଛି। ଫଳରେ ଚାଷୀମାନେ ଏହି ହାଟକୁ ଆସି ନିଜର ପନିପରିବା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ବେଶ୍ ଲାଭବାନ ହେଉଛନ୍ତି। ସହରରେ ପ୍ରତିଦିନ କେଉଁଠି ନା କେଉଁଠି ହାଟ ବସୁଥିବାରୁ ଚାଷୀମାନେ ଗ୍ରାହକଙ୍କୁ ସିଧାସଳଖ ନିଜ ଉତ୍ପାଦିତ ପନିପରିବା ବିକ୍ରି କରୁଛନ୍ତି। ସେହିପରି ଚାଷୀ ଓ ଗ୍ରାହକଙ୍କ ମଧ୍ୟରେ ଏକ ଉତ୍ତମ ଯୋଗସୂତ୍ର ତିଆରି ହେଉଛି। ସହରବାସୀ ହାଟରୁ ସୁଲଭ ଦରରେ ବିଭିନ୍ନ ସାମଗ୍ରୀ ସହ ତଟକା ପରିବା ପାଉଛନ୍ତି। ଫଳରେ ପନିପରିବା ସମେତ ବିଭିନ୍ନ ସାମଗ୍ରୀ ପାଇଁ ସେମାନେ ସାପ୍ତାହିକ ହାଟପାଳିକୁ ଅପେକ୍ଷା କରୁଛନ୍ତି।

ରାଉରକେଲା ସହରର ଛେଣ୍ଡ କଲୋନୀ ଥାନା ସମ୍ମୁଖରେ ରବିବାର ଓ ବୁଧବାର ଦିନ ହାଟ ବସୁଥିବାବେଳେ ଝିରପାଣିରେ ସୋମବାର ଓ ଗୁରୁବାର ବସୁଛି। ସେହିଭଳି ସେକ୍ଟର-୧୯ ସ୍ଥିତ ମୁଣ୍ଡା ମାର୍କେଟ ହାଟ ମୁଖ୍ୟତଃ ରବିବାର ବସୁଥିବାବେଳେ କଳିଙ୍ଗ ବିହାର ଅଞ୍ଚଳରେ ଶୁକ୍ରବାର ହାଟ ବସୁଛି। ସିଭିଲଟାଉନ୍‌ଶିପ୍ ଅଞ୍ଚଳରେ ଶନିବାର ଓ ସୋମବାର ହାଟ ବସୁଛି। ଏହାବ୍ୟତୀତ ରାତି ପାହିଲେ ସହରର ମୁଖ୍ୟ ରାସ୍ତାକଡ଼ରେ ମଧ ଚାଷୀମାନେ ପରିବା ବିକ୍ରି କରିଥାନ୍ତି। ସହରରେ ହାଟର ଚାହିଦା ବଢୁଥିବାରୁ ସ୍ଥାନୀୟ ଆରଏମ୍‌ସି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ କେଉଁଠି ପିଣ୍ଡି ବ୍ୟବସ୍ଥା ତ ଆଉ କେଉଁଠି ଟିଣ ପକାଇ ସେଡ୍ ତିଆରି କରାଯାଇଛି। ଫଳରେ ସୁନ୍ଦରଗଡ ଜିଲାର ବିଶ୍ରା, ନୂଆଗାଁ, ବମ୍ଫୁଆ, ସୋନୁଆ, ଲୋହରାଦାଗା, କୁତ୍ରା, ମନହରପୁର, ଗୁରୁଣ୍ଡିଆ, ଲାଠିକଟା, ଟାଇଁସର, ସାନବମ୍ଫୁଆ, ତିତରିକେଲା ଆଦି ଗ୍ରାମାଞ୍ଚଳର ଚାଷୀମାନେ ରାଉରକେଲା ପରିବା ବିକ୍ରି କରୁଛନ୍ତି। ଏହି ଚାଷୀମାନଙ୍କ ପାଇଁ ଛେଣ୍ଡ ହାଟରେ ସ୍ୱତନ୍ତ୍ର ଟିଣ ସେଡ୍ ହାଉସ୍ ସହ ପିଣ୍ଡି ବ୍ୟବସ୍ଥା ଥିବାବେଳେ ସିଭିଲଟାଉନ୍‌ଶିପ୍ ହାଟରେ ସ୍ୱତନ୍ତ୍ର ପିଣ୍ଡି ସାଙ୍ଗକୁ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ସେହିଭଳି ଝିରପାଣି ରାସ୍ତାକଡରେ ଚାଷୀମାନେ ସପ୍ତାହକୁ ୨ ଦିନ ପରିବା ବିକୁଥିବାବେଳେ ମୁଣ୍ଡା ମାର୍କେଟରେ ସେମାନଙ୍କ ପାଇଁ ପକ୍କା ଚଟାଣ ବ୍ୟବସ୍ଥା କରାଯାଇଛି। ଏହିସବୁ ହାଟରେ ଖାଲି ଯେ ପନିପରିବା ବିକ୍ରି ହେଉଛି ତାହା ନୁହେଁ ଏଠାରେ ଘରକଣା ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ମସଲା, ଡ୍ରେସ, ଚପଲ, ଫଳ, ଦେଶୀ କୁକୁଡା, ପୂଜା ସାମଗ୍ରୀ ମିଳୁଛି। ପୂର୍ବରୁ ଚାଷୀମାନେ ଗଛମୂଳ ନଚେତ ରାସ୍ତାକଡ଼ରେ ଖୋଲା ଆକାଶ ତଳେ ବସି ଜିନିଷ ବିକ୍ରି କରୁଥିଲେ। ବର୍ତ୍ତମାନ ଆରଏମ୍‌ସି ଓ ଆରଏସ୍‌ପି କର୍ତ୍ତୃପକ୍ଷ ହାଟର ରୂପରେଖ ବଦଳାଇ ଦେଇଛନ୍ତି। ସହରରେ ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ହାଟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି।


ରାଉରକେଲା ସହରର ଭିଏସ୍ଏସ୍ ମାର୍କେଟ ହାଟ।

ଏ ନେଇ ଗୁରୁଣ୍ଡିଆର ଚାଷୀ ବିମଳା ମୁଣ୍ଡା କୁହନ୍ତି, ମୁଁ ଛେଣ୍ଡ ଓ ଶୁକ୍ରବାର ହାଟକୁ ଆଜିକୁ ୧୫ ମାସ ଧରି ପରିବା ବିକ୍ରି କରିବାକୁ ଆସୁଛି। ଏହି ହାଟ ହେବା ଦ୍ୱାରା ଆମେ ଯେଉଁ ପରିବା ଚାଷ କରୁଛୁ ତାହା ସିଧାସଳଖ ସହରବାସୀଙ୍କ ନିକଟରେ ପହଞ୍ଚାଇ ପାରୁଛୁ। ଗ୍ରାମାଞ୍ଚଳ ଅପେକ୍ଷା ସହରରେ ପରିବା ଚାହିଦା ଅଧିକ ରହିଥିବାରୁ ଆମେ ପରିବା ବିକ୍ରି କରି ଦୁଇ ପଇସା ଲାଭବାନ ହେଇପାରୁଛୁ। ସେହିଭଳି ସାନ ବମ୍ଫୁଆର ଚାଷୀ କେଦାର ମାହତୋ କୁହନ୍ତି, ଆଜିକୁ ୯ ମାସ ଧରି ସେ ରାଉରକେଲାର ଛେଣ୍ଡ, ମୁଣ୍ଡା ମାର୍କେଟ, ସିଭିଲଟାଉନଶିପ୍ ଓ ପାନପୋଷ ହାଟକୁ ବ୍ୟବସାୟ କରିବାକୁ ଆସୁଛନ୍ତି। ଦୀର୍ଘ ବର୍ଷ ତଳେ ସହରରେ ହାଟର ଚାହିଦା ନ ଥିବାରୁ ଆମେ ପନିପରିବାକୁ ସହରର ବ୍ୟବସାୟୀମାନଙ୍କୁ କମ୍ ଦାମ୍‌ରେ ବିକି ଦେଉଥିଲୁ। ବ୍ୟବସାୟୀମାନେ ଆମଠାରୁ ନେଇ ଲୋକଙ୍କୁ ଚଢାଦରରେ ବିକ୍ରି କରୁଥିଲେ। ବର୍ତ୍ତମାନ ସହରରେ ହାଟ ବସୁଥିବାରୁ ଆମେ ବ୍ୟବସାୟ କରି ଆର୍ଥିକ ଲାଭ ପାଇପାରୁଛୁ ବୋଲି ମାହତୋ କହିଥିଲେ।

# ଏମିତି ଗାଁ, ଯେଉଁଠି ସମସ୍ତେ ପରିବା ଚାଷୀ

**ପନିପରିବା ଚାଷ କରି ସଫଳତାର ସହ ଅର୍ଥ ରୋଜଗାର କରୁଥିବା ଏମିତି ଏକ ଗାଁ ହେଉଛି ଖଣ୍ଡୋକଟା। ଗ୍ରାମର ଶତପ୍ରତିଶତ ପରିବାର ବିନା ସରକାରୀ ପ୍ରୋତ୍ସାହନରେ ପନିପରିବା ଚାଷ କରି ବେଶ୍ ଲାଭବାନ ହେଉଛନ୍ତି। ସରକାରୀ ସହାୟତା ମିଳିଲେ ଅଧିକ ଲାଭବାନ ହୋଇ ପାରନ୍ତେ ବୋଲି ଗ୍ରାମର ଚାଷୀମାନେ କହନ୍ତି।**

କୁଚିଣ୍ଡା, ୨।୧୨ (ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଖଣ୍ଡୋକଟା ପଞ୍ଚାୟତର ୬ଟି ୱାର୍ଡକୁ ନେଇ ଖଣ୍ଡୋକଟା ଗ୍ରାମ। ଏହି ଗ୍ରାମର ପରିବାର ସଂଖ୍ୟା ୬୮୦। ହେଲେ ଗ୍ରାମର ପ୍ରାୟ ସମସ୍ତ ପରିବାର ନିଜ ସାଧନରେ ପନିପରିବା ଚାଷ କରି ବେଶ ଲାଭବାନ ହେଉଛନ୍ତି। ଗ୍ରାମରେ ପୂର୍ବପୁରୁଷ ଅମଳରୁ ଧାନଚାଷ ବ୍ୟତୀତ ଏହି ପନିପରିବା ଚାଷ ହୋଇଆସୁଛି। ପ୍ରତ୍ୟେକଙ୍କ ଘରେ ଗୋଟିଏ, ଦୁଇଟି କୂଅ। ସେହି କୂଅ ପାଣିରୁ ନିଜ ବାଡିରେ ପରିବା ଚାଷ କରୁଛନ୍ତି। ଏବେ ଗଭୀର ନଳକୂଅ ଖୋଳି ଚାଷ ହେଉଛି। ଚାଷୀମାନେ ପିଆଜ, ରସୁଣ ଅଦା, କୋବି, ବାଇଗଣ, ଭେଣ୍ଡି, ମୂଳା, ଆଳୁ, ଟମାଟୋ, ଗାଜର, ବିନ୍, ଝୁଡଙ୍ଗ, କଖାରୁ, ଲଙ୍କା, ପାଳଙ୍ଗ, ପୋଦିନା, ଭାଜି, କୋଶଳା, ପୋଟଇ ଇତ୍ୟାଦି ପନିପରିବା ଚାଷ କରନ୍ତି। ଏହା ସାଙ୍ଗକୁ ବିଭିନ୍ନ ପରିବା ଚାରା କରି କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ସାପ୍ତାହିକ ହାଟରେ ଏହି ଗାଁର ଚାଷୀମାନେ ବିକ୍ରି କରିଥାନ୍ତି। ଖଣ୍ଡୋକଟା ଗ୍ରାମ ପିଆଜ ଚାରା ଉତ୍ପାଦନ ପାଇଁ ସମଗ୍ର ଜିଲାରେ ପ୍ରସିଦ୍ଧି ଲାଭ କରିଛି। ଜଣେ ଜଣେ ଚାଷୀ ୧ ରୁ ୧୫କେଜି ପର୍ଯ୍ୟନ୍ତ ପିଆଜ ମଞ୍ଜି ପକାଇ ଚାରା ପ୍ରସ୍ତୁତ କରନ୍ତି। ୧ କେଜି ମଞ୍ଜିରୁ ଚାରା ଉତ୍ପାଦନ କରି


ବିକ୍ରି ପାଇଁ ପ୍ରସ୍ତୁତ ପିଆଜ ଚାରା କ୍ଷେତ।

## ପରିବା ଚାଷ ସହ କରୁଛନ୍ତି ଚାରା ଉତ୍ପାଦନ

ସେମାନେ ୧୦ରୁ ୧୨ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ଉଠାଇଥାନ୍ତି। ଜଣେ ଚାଷୀ ସର୍ବନିମ୍ନ ବାର୍ଷିକ ୧ଲକ୍ଷରୁ ୧୩/୧୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପନିପରିବା ଓ ଚାରା ବିକ୍ରି କରି ରୋଜଗାର କରିଥାନ୍ତି। ସେଥିପାଇଁ ଯୁବପିଢି ଚାକିରି ପଛରେ ନ ଗୋଡାଇ ପନିପରିବା ଚାଷକରି ସ୍ୱାବଲମ୍ବୀ ହେବାକୁ ମନ ବଳାଉଛନ୍ତି।

ଗ୍ରାମର ଦୈତାରୀ ବେହେରା, ଗଣେଷରାମ ପଟେଲ, ମହେନ୍ଦ୍ର ନାଏକ, ପ୍ରଫୁଲ୍ଲ ପଟେଲ, ଡିଲେଶ୍ୱର ସାହୁ, ଗାନ୍ଧି ପୃଷେଠ, ସରୋଜ ପୃଷେଠ, ମନୋଜ ପୃଷେଠ, ସାଗର ନାଏକ, ଲବଣିଧର ନାୟକ, ରାଜୁ ଚୌଧୁରୀଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ ଚାଷୀ ପ୍ରତିବର୍ଷ ଚାରା ଉତ୍ପାଦନ କରି ବେଶ ରୋଜଗାର କରୁଥିବା ସେମାନେ କହନ୍ତି। ପରିବାରର ମହିଳାମାନେ ମଧ ପୁରୁଷଙ୍କୁ ଏହି ଚାଷରେ ସହଯୋଗ କରୁଛନ୍ତି। ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଘର ମଧ ଏହି ଖଣ୍ଡୋକଟା ଗ୍ରାମରେ। ସେ ଏକ ଚାଷୀ ପରିବାରରୁ ଏବେ ରାଜ୍ୟର ମନ୍ତ୍ରୀ। ତାଙ୍କ ବଡଭାଇ ମହେନ୍ଦ୍ର ନାଏକ ମଧ ଜଣେ ସଫଳ ପନିପରିବା ଚାଷୀ। ଏହି ଗ୍ରାମର ଚାଷୀମାନେ ରାଜ୍ୟ ଓ ରାଜ୍ୟ ବାହାରୁ ଜୟ ଜଗନ୍ନାଥ, ଅଙ୍କୁର, ଗୋଦାବରୀ, ଫାଉଜା ଓ ଦୁର୍ଗା କିସମର ପିଆଜ ମଞ୍ଜି ଆଣି ଚାରା ଉତ୍ପାଦନ କରନ୍ତି। କୁଚିଣ୍ଡା ଉଦ୍ୟାନ ବିଭାଗ ଗତ ୪/୫ ବର୍ଷ ହେଲା ପିଆଜ ମଞ୍ଜି ଯୋଗାଇ ଦେଉଥିଲା। ହେଲେ ଅବଧି ପର୍ଯ୍ୟନ୍ତ ମଞ୍ଜି ମିଳି ନ ଥିବା ଚାଷୀମାନେ କହିଛନ୍ତି। କୁଚିଣ୍ଡା ଉଦ୍ୟାନ ବିଭାଗ ନିର୍ଦ୍ଦେଶିକା ସତ୍ୟଭାମା ଧାନ କହନ୍ତି, ଖଣ୍ଡୋକଟାର ଚାଷୀମାନେ ପନିପରିବା ଚାଷରେ ବେଶ ଆଗୁଆ। ଚଳିତବର୍ଷ ପିଆଜ ମଞ୍ଜି ଆସି ନ ଥିବାରୁ ସେମାନଙ୍କୁ ଦିଆଯାଇ ପାରି ନ ଥିବା କହିଛନ୍ତି।

### ଚାଷୀମାନେ ଯାହା କହନ୍ତି:–


“ ବାପ ଅଜା ଅମଳରୁ ପିଆଜ ଓ କୋବି ଚାରା ଉତ୍ପାଦନ ସାଙ୍ଗକୁ ପନିପରିବା ଚାଷ କରିଆସୁଛୁ। ଏଥିରୁ ପରିବାର ପ୍ରତିପୋଷଣ ହେଉଛି ଓ ପିଲାଙ୍କ ପାଠପଢା ଖର୍ଚ୍ଚ ଉଠୁଛି। ଚଳିତବର୍ଷ ପିଆଜ ଚାରା ପାଇଁ ୭କେଜି ମଞ୍ଜି ବୁଣିଛି।

ମହେନ୍ଦ୍ର ନାଏକ


“ ପୂର୍ବରୁ ଗାଁରେ ଆଖୁ ଓ ଧୂଆଁପତ୍ର ଚାଷ ହେଉଥିଲା। ପରେ ବାଲେଶ୍ୱର ଜିଲାର ଚାଷୀ ନିମାଇଁ ପାଲଙ୍କ ପ୍ରେରଣା ପାଇ ପନିପରିବା ଚାଷ ସହ ପିଆଜ ଚାରା କରି ରୋଜଗାରର ବାଟ ପାଇଛୁ।

ଡିଲେଶ୍ୱର ସାହୁ


“ କୁଚିଣ୍ଡା ଉପଖଣ୍ଡର ସମସ୍ତ ସାପ୍ତାହିକ ହାଟ ବ୍ୟତୀତ ଝାରସୁଗୁଡା, ଦେବଗଡ, ସୁନ୍ଦରଗଡ ଆଦି ଜିଲାକ ଜିଆଜ ଚାରା ଓ କୋବି ବିକ୍ରି କରି ଆସୁଛୁ।

ଗାନ୍ଧୀ ପୃଷେଠ


“ ବୋହୂ ହୋଇ ଆସିବା ପରଠାରୁ ପରିବା ଚାଷରେ ସ୍ୱାମୀଙ୍କୁ ସହଯୋଗ କରି ଆସୁଛି। ଦିନବେଳା ସେ ହାଟକୁ ଗଲେ ମୁଁ ଶ୍ରମିକ ଲଗାଇ ଚାଷ କାମ କରୁଛି।

ଅନ୍ନପୂର୍ଣ୍ଣା ପୃଷେଠ


“ ପନିପରିବା ଚାଷ ପାଇଁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। ଚାରା ପାଇଁ ମାଟି ଗୁଣ୍ଡ କରିବାଠାରୁ ମଞ୍ଜି ପକାଇବା ପର୍ଯ୍ୟନ୍ତ ସମସ୍ତ କାମ କରେ।

ମୁକ୍ତା ପୃଷେଠ, ମହିଳା ଚାଷୀ

# ହୀରାକୁଦ ମହୋତ୍ସବ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

ସମ୍ବଲପୁର, ୨।୧୨ (ବି.ଶଙ୍କର)

ନବମ ହୀରାକୁଦ ମହୋତ୍ସବ–୨୫ର ପ୍ରସ୍ତୁତି ବୈଠକ ହୀରାକୁଦ ବରିଷ୍ଠ ନାଗରିକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ହେମନ୍ତ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହୋତ୍ସବ ସକାଶେ ନୂତନ କମିଟି ଚୟନ କରାଯାଇଥିଲା। ସଭାପତି ଭାବେ ଡାକ୍ତର ରାଗକୁମାର ବଡ଼ପଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ମହୋନୀତ କରାଯାଇଥିଲା। ସେହିପରି ସୀମାଞ୍ଚଳ ଖଟେଇ କାର୍ଯ୍ୟକାରୀ ସଭାପତି, ସଚ୍ଚିକାନ୍ତ ମିଶ୍ର, ସରୋଜ ଆଚାର୍ଯ୍ୟ, ଲଳିତ ପାଇକରାୟ, ପ୍ରଦୀପ ଦାସ, ସନ୍ତୋଷ ହନ୍ତି, ବିରୂପାକ୍ଷ ପୃଷେଠ, ସୁସ୍ମିତା ପଣ୍ଡା, ଭାରତି ସାହୁ ଉପସଭାପତି ରହିଛନ୍ତି। ଶାନ୍ତନୁ ବଡ଼ପଣ୍ଡା ସାଧାରଣ ସମ୍ପାଦକ, ପ୍ରଦୀପ ପଣ୍ଡା ସଙ୍ଗଠନ ସମ୍ପାଦକ, ଅନୁପ ମହନ୍ତ, ସୁଶିଲ ବାରିକ, ରଞ୍ଜନ ହୋତା, ପଦ୍ମ ମେହେର, ସୁକାନ୍ତ ମହାରଣା, ସୀମାଞ୍ଚଳ ସାହୁ, ଅମର ଗୌଡ, ଟି ସଞ୍ଜୟ ପାତ୍ର, ରାଜେନ୍ଦ୍ର ବିସ୍ୱାଳ, ସମିପ୍ରଥା ନାୟକ,

## ଚାରିଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ମଞ୍ଚ

ରୀତା ସାମନ୍ତରାୟ ସମ୍ପାଦକ, ସଞ୍ଜୀବ ପଣ୍ଡା ସାଂସ୍କୃତିକ ସଂଯୋଜକ, ଅଜିତ ସିଂ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଆଇନ ପରାମର୍ଶଦାତାଭାବେ ବାଲିଆ ତ୍ରିପାଠୀଙ୍କୁ ଚୟନ କରାଯାଇଛି। ଅସାନ୍ତା ଜାନୁୟାରୀ ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ହେବାକୁ ସ୍ଥିର କରାଯାଇଛି। ଏଥିରେ ଜିଲା, ରାଜ୍ୟ ଏବଂ ରାଜ୍ୟ ବାହାରୁ କଳାକାରମାନେ ଲୋକନୃତ୍ୟ, ଲୋକବାଦ୍ୟ ଏବଂ ଲୋକଗୀତ ପରିବେଷଣ କରିବେ। ଚଳିତବର୍ଷ କଳାକାରମାନଙ୍କ ନୃତ୍ୟରେ ମଞ୍ଚ ଦୁଲୁକି ଉଠିବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯିବ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚିତ କରାଯାଇଛି।


ଲକ୍ଷ୍ମୀଡୁଙ୍ଗୁରି ପାଦ ଦେଶରେ ଗୁରୁ ପଦ୍ମସମ୍ଭବଙ୍କୁ ପୂଜାର୍ଚ୍ଚନା କରାଯାଉଛି।

# ଲକ୍ଷ୍ମୀଡୁଙ୍ଗୁରିରେ ପ୍ରକୃତି ଉଦ୍ୟାନ ନିର୍ମାଣ ଦାବି

ସମ୍ବଲପୁର, ୨।୧୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ନିକଟରେ ଥିବା ଲକ୍ଷ୍ମୀ ଡୁଙ୍ଗୁରିରେ ସୋମବାର ଭାରତୀ ସମାଜ ପକ୍ଷରୁ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାହାଡ ଉପରେ ଥିବା ସାତଟି ବୃକ୍ଷକୁ ସାତବହନୀଙ୍କ ନାମରେ ସମର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ହୀରାକୁଦ ବନ୍ଧ ନିର୍ମାଣ ସମୟର ଅନେକ ସ୍ମୃତି ଲକ୍ଷ୍ମୀଡୁଙ୍ଗୁରି ପାଦ ଦେଶରେ ଥିବା ବେଳେ ଏହାର ସଂରକ୍ଷଣ କରାଯାଇ ଗୁରୁ ପଦ୍ମସମ୍ଭବଙ୍କ ନାମରେ ଏଠାରେ ଏକ ପ୍ରକୃତି ଉଦ୍ୟାନ ନିର୍ମାଣ କରିବାକୁ ଭାରତୀ ସମାଜ ଦାବି କରି ଆସୁଛି। ସମର୍ପଣ ଉତ୍ସବରେ ପୁଣିଥରେ ପ୍ରଶାସନକୁ ଏହି ଦାବି ଉପସ୍ଥାପନ କରାଯିବ ବୋଲି ମହାସଚିବ ଦେବୀ ପ୍ରସାଦ ଭୋଇ କହିଛନ୍ତି। ଏଠାରେ ପ୍ରକୃତି ଉଦ୍ୟାନ ନିର୍ମାଣ ହେଲେ ଏଠାକାର ଜଙ୍ଗଲ ସୁରକ୍ଷିତ ରହିବ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ଏହି ଅବସରରେ କୁହାଯାଇଥିଲା। ଏସମର୍ପଣ ଉତ୍ସବରେ ଭାରତୀ ସମାଜର ଜିଲା ସଂଯୋଜକ କିଶୋର ଧରେଇ, ଭୀମ ଆର୍ମୀ ରାଜ୍ୟ ସଭାପତି ଲଙ୍କେଶ ରାବଣ, ଯୁବ କୃଷି ବୈଜ୍ଞାନିକ ଅଭିଲାଷ ପ୍ରଧାନ, ଧରଜ ସିଂହ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ୬ ଜଣଙ୍କୁ ଆର୍ଥିକ ସହାୟତା

ସମ୍ବଲପୁର, ୨।୧୨ (ବି.ଶଙ୍କର)

ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ୬ ଜଣଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି। ଟ୍ରଷ୍ଟ ସଂସ୍ଥାପିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଉପସ୍ଥିତି ଏବଂ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟ୍ରଷ୍ଟ ବୈଠକରେ ଉପରୋକ୍ତ ସହାୟତାକୁ ମଞ୍ଜୁରି ଦିଆଯାଇଛି। ବୈଠକ ପ୍ରାରମ୍ଭରେ ସମ୍ପାଦକ ସୁଧୀର ପୂଜାରୀ ନୂତନ ମନୋନୀତ ସଭ୍ୟ ଚାଟାର୍ଡ ଆକାଉଣ୍ଟାଣ୍ଟ ଅମିତ କୁମାର ସ୍ୱାଇଁଙ୍କୁ ସ୍ୱାଗତ କରିଥିଲେ। କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତ ଆଗତ କରିଥିବା ଆର୍ଥିକ ବିବରଣୀକୁ ବୈଠକରେ ଅନୁମୋଦନ ଦିଆଯାଇଥିଲା। ବୈଠକର ଆଲୋଚନାରେ ସଭ୍ୟବୃନ୍ଦ ଦେବାଶିଷ ନନ୍ଦ, ବିପିନ ବିହାରୀ ପଣ୍ଡା, ଶିବ ନନ୍ଦ, ସୁବ୍ରତ ପଣ୍ଡା ଭାଗ ନେଇଥିଲେ।

# ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧ରେ ମିନି କ୍ରୀଡ଼ା

ସମ୍ବଲପୁର, ୨।୧୨ (ବି.ଶଙ୍କର)

ମିନି କ୍ରୀଡା ମହୋତ୍ସବ–୨୪ ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧ ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସମ୍ଭାଗର ସଙ୍କୁଳ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନସ୍ତରୀୟ ମିନି କ୍ରୀଡା ଉତ୍ସବ ବିଦ୍ୟାଳୟ ଅଧକ୍ଷ ରଣରଞ୍ଜୟ ସିଂହ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ଉପାଧକ୍ଷ ବଳରାମ ମିଶ୍ର, ପ୍ରଧାନଶିକ୍ଷକ ଚକ୍ରଧର ଦେହୁରୀ, ପ୍ରାଥମିକ ବିଭାଗ ଖେଳ ପ୍ରଭାରୀ ସୁଦାମ ଚରଣ ଭୋଇ ଏବଂ ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଭୁବନେଶ୍ୱର ସମ୍ଭାଗର ୪ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୨୨୪ ଜଣ କ୍ରୀଡା ପ୍ରତିଭଗୀ ସହ ୧୬ ଜଣ ଅନୁରକ୍ଷଣ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରାଥମିକ ଶିକ୍ଷକ ଗୀତାଞ୍ଜଳି ପଣ୍ଡା ଓ ସେତୟ ପଧାନ ମଞ୍ଚ ପରିଚାଳନା କରିଥିଲେ। ସ୍ୱାଗତ ଗୀତ ପରିବେଷଣ ସଙ୍ଗେ ଅତିଥିମାନଙ୍କୁ ଚାରା ଅର୍ପଣ କରି ସବୁଜ ସ୍ୱାଗତ କରାଯାଇଥିଲା। ତତ ପାଶ୍ଚାତ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ଓ ଯୋଗା ନୃତ୍ୟ ପରିବେଷିତ ହୋଇଥିଲା। ଏହି କାର୍ଯକ୍ରମରେ ୧୦୦ ଓ ୮୦ ମିଟର ଦୌଡ, ବସ୍ତାଦୌଡ, ଲମ୍ଫଡିଆଁ, ବାଟି ଚାମଚ, ଟେନିସ ବଲ ଫିଙ୍ଗା, କବାଡି ପ୍ରଭୃତି ଖେଳ ଆୟୋଜିତ ହୋଇଥିଲା। ଏଥିରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ– ୧ ସମ୍ବଲପୁର ଚାମ୍ପିୟନ ହୋଇଥିଲା।


ଅତିଥିଙ୍କଠାରୁ କୃତୀ ପ୍ରତିଯୋଗୀମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସଂଘର ବନ୍ଧୁମିଳନ

ସମ୍ବଲପୁର, ୨।୧୨ (ପ୍ରମୋଦ ବହିଦାର)

ସମ୍ବଲପୁରଠାରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ–୧ ଅଭିଭାବକ ସଂଘର ବାର୍ଷିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜାମପାଲି ମେଗା ନର୍ସରୀ ପରିସରରେ ରବିବାର ଅନୁଷ୍ଠିତ ବନ୍ଧୁମିଳନରେ ଶତାଧିକ ଅଭିଭାବକ ଯୋଗଦେଇଥିଲେ। ସଂଘ ସଭାପତି ସରୋଜ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଭିଭାବକ ଦୁଲାଲଚନ୍ଦ୍ର ରାୟ, ରବି ସାହୁ, ଅଶୋକ ମିଶ୍ର, ଲିଙ୍ଗରାଜ ପ୍ରଧାନ, ଚନ୍ଦ୍ରମଣି ମିର୍ଦ୍ଧା, ଈଶ୍ୱର ବଡ଼ପଣ୍ଡା, ମହେଶ ପଣ୍ଡା, ତ୍ରିବିକ୍ରମ ସେଠ, ପୁରୁଷୋତ୍ତମ ବେହେରା, ଗୋପଲଜୀ ପାଢ଼ୀ, ବିଜୟ ସାହୁ, ଅଶ୍ୱିନୀ ପ୍ରଧାନ, ସୁବ୍ରତ ପତି, କୁମରମଣି କିସାନ, ଗୌତମ ମିଶ୍ର, ଶିବନାରାୟଣ ପଣ୍ଡା, ବିଭୁତି ଭୁଷଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ବୈଠକକୁ ସରୋଜ ସାହୁ ପରିଚାଳନା କରିଥିଲେ। ଅଶ୍ୱିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

କୁଚିଣ୍ଡା, ୨।୧୨ (ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପତ୍ର ଶ୍ରମିକ ଭବନରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଜିଲା ପ୍ରାଥମିକ ଶିକ୍ଷକ ମହାସଂଘ ସଭାପତି ଲଳିତ କୁମାର ପୃଷେଠ ଅଧକ୍ଷତା କରିଥିଲେ। ପଶ୍ଚିମ ଓଡ଼ିଶା ଆଞ୍ଚଳିକ ସମ୍ପାଦକ ସଞ୍ଜୟ କୁମାର ସାହୁ, ସମ୍ବଲପୁର ଜିଲା ସମ୍ପାଦକ ସୁଦୀପ୍ତ କୁମାର ପଟେଲ ବୈଠକରେ ଯୋଗଦେଇ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ପରେ କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଉମେଶ କୁଆ ସଭାପତି, ପ୍ରଶାନ୍ତ ନାଏକ ଓ ଟିକି ଦଶଭାୟା ଉପସଭାପତି, ରମେଶ ଚନ୍ଦ୍ର ପଟେଲ ସାଧାରଣ ସମ୍ପାଦକ, ତପସ୍ୟା ବାଘ, ସଞ୍ଜୟ ନାଗ ଓ ଚିନ୍ମୁପମା ଭଇଁଷା ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ବିନୋଦ ବିହାରୀ ସାହୁଙ୍କୁ ସଂଘର ସଂଯୋଜକ ଏବଂ ପ୍ରମୋଦ କୁମାର ଚୌଧୁରୀଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବିନୋଦ ବିହାରୀ ସାହୁ ମ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

ସମ୍ବଲପୁର, ୨।୧୨ (ବି.ଶଙ୍କର)

ମା' ସମଲେଇ ଫିଲ୍ମସ ଓ ଯୋଯୋ ଯେ–୫ ପ୍ରଡକ୍ସନ୍ ପକ୍ଷରୁ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ସମ୍ବଲପୁରସ୍ଥିତ ଓଡ଼ିଶା ସାଂସ୍କୃତିକ ସାମାଜ ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ ୧୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗୀତାରେ ଅଭିନୟ, ନୃତ୍ୟ, ଗୀତ, କବିତା ଆବୃତି ଓ ଯୋଗ ହୋଇଥିଲା। ଏହି ଚୟନ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବିଚାରକ ଭାବେ କମେଡିଆନ୍ ଯୋଗେଶ ଜୋଜୋ, କଣ୍ଠଶିଳ୍ପୀ ସ୍ୱାଗତିକା ତ୍ରିପାଠୀ, ନୃତ୍ୟ ନିର୍ଦ୍ଦେଶକ ମନୋଜ ସିଂ ଏବଂ ଅଭିନେତା ରୋଶନ ଭାରଦ୍ୱାଜ ଯୋଗ ଦେଇ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଞ୍ଚା ସମ୍ବଲପୁରୀ ଅନୁଷ୍ଠାନର ଶୁଭମ ପ୍ରଧାନ ଏବଂ ଧରଣୀଧର ନାଥ ଓ ଯେ–୫ ପ୍ରଡକ୍ସନ ଟିମର ଲୋକେଶ ସେଠ୍, ରୋହନ ବେହେରା, ମାନସ ପାଣିଗ୍ରାହୀ, ଫଣିନ୍ଦ୍ର ପଣ୍ଡା, ମୋହିତ ମେହେର, ଶୁଭମ ସିଂ ରାଜପୁତ, ପ୍ରକାଶ ବେହେରା, ଅଜେୟ ମହାନନ୍ଦ, ରୋଜାଲିନ ବେହେରା, ସାହିଲ ସାଗର, କେଶବ ପ୍ରଧାନ୍ ଏବଂ ରାଜୁ ସେଠ୍ ସହଯୋଗ କରିଥିଲେ।


ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ଅତିଥି, ବିଚାରକ ଓ ପ୍ରତିଯୋଗୀ।

# ବନାଞ୍ଚଳ ମହିଳାଙ୍କୁ ଆତ୍ମନିର୍ଭର କରିବାକୁ ପ୍ରୟାସ

ସମ୍ବଲପୁର, ୨।୧୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବନଖଣ୍ଡ ଅନ୍ତର୍ଗତ ୪ ବନାଞ୍ଚଳ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରି ସେମାନଙ୍କ ସହଯୋଗରେ ଜଙ୍ଗଲ ସୁରକ୍ଷା କରିବା ପାଇଁ ସୋମବାର ବନ ଭିବାଗ ପକ୍ଷରୁ ଉଦ୍ୟମ କରାଯାଇଛି। ବନଖଣ୍ଡ ଅଧିକାରୀ ଗୋରେଖ ଓମାନଙ୍କ ତତ୍ତ୍ୱାବଧାନରେ ସଦର, ପଡିଆବାହାଲ, ଧମା ଏବଂ ରେଙ୍ଗାଲି ବନାଞ୍ଚଳର ବିଭିନ୍ନ ବନ ସୁରକ୍ଷା ସମିତି ସହ ଜଡିତ ମହିଳାମାନଙ୍କୁ ଜଙ୍ଗଲ ପ୍ରତି ନିର୍ଭରଶୀଳତା କମ୍ କରିବା ପାଇଁ ମୁଢିମିଲ ବ୍ୟବସ୍ଥା କରାଇବା ସହ ଏଲ୍‌ପିଜି ଗ୍ୟାସ ପ୍ରଦାନ କରାଯାଇଥିଲା। ସଦର ବନାଞ୍ଚଳର ସାଲେସିଂ ବନସୁରକ୍ଷା ସମିତି, ଧମା ବନାଞ୍ଚଳର ଆମକୁନି ବନ ସୁରକ୍ଷା ସମିତି, ରେଙ୍ଗାଲି ବନାଞ୍ଚଳର ପାଣ୍ଡିଆ ପାଲି ବନସୁରକ୍ଷା ସମିତିଗୁଡିକୁ ମୁଢିମିଲ ନିର୍ମାଣ କରି ପ୍ରଦାନ କରାଯାଇଥିଲା। ସେହିପରି ପଡିଆବାହାଲ ବନାଞ୍ଚଳ ଓ ରେଙ୍ଗାଲି ବନାଞ୍ଚଳର ବିଭିନ୍ନ ବନସୁରକ୍ଷା ସମିତିର ଅତି ଗରିବ ଶ୍ରେଣୀର ୮୦ଜଣଙ୍କୁ ରୋଷେଇ ପାଇଁ ଗ୍ୟାସ ସିଲିଣ୍ଡର ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ


ପଡ଼ିଆବାହାଲ ବନାଞ୍ଚଳରେ ମହିଳାମାନଙ୍କୁ ଗ୍ୟାସ ସିଲିଣ୍ଡର ବଣ୍ଟନ କରାଯାଉଛି।

## ପୁନରୁଦ୍ଧାର ହେବ ଉଜୁଡ଼ା ଜଙ୍ଗଲ

ସମ୍ବଲପୁର ବନଖଣ୍ଡ ଅଧିକାରୀ ଗୋରେଖ ଓମାନ, ସଦର ବନାଞ୍ଚଳ ଅତିରିକ୍ତ ବନ ସଂରକ୍ଷକ ରାଜଶ୍ରୀ ତିର୍କୀ, ଜୀବିକା ବିଶେଷଜ୍ଞ ତୁଷାରକାନ୍ତ ପାଣିଗ୍ରାହୀ, ଏସ୍‌ଏମ୍‌ଏସ୍ ସୁଚିତ୍ରା ପ୍ରତିହାରୀ, ବିପଣନ ଅଧିକାରୀ ପ୍ରିତମ ଭରଦ୍ୱାଜ, ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାଏକ, ପଡିଆବାହାଲ ବନାଞ୍ଚଳ ଅଧିକାରୀ ସୁନୀଲ ଖିଲାରି, ଧମା ବନାଞ୍ଚଳ ଅଧିକାରୀ ସନ୍ତୋଷ ଭୋଇ, ରେଙ୍ଗାଲି ବନାଞ୍ଚଳ ଅଧିକାରୀ ସୁଜାତା ପଟେଲ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଧୀନରେ ଥିବା କ୍ଷେତ୍ରୀୟ ପରିଚାଳନା ସଂସ୍ଥାର କ୍ଷେତ୍ର ସଂଯୋଜକ ନିକୁଞ୍ଜ ବିହାରୀ ପ୍ରଧାନ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ସବିତା ପଟେଲ, ଗୋଲେଖ ଗାରଗରିଆ, ଉମାକାନ୍ତ ପୋଢ, ବୃନ୍ଦାବନ ପ୍ରଧାନ, ଦିନେଶ ଖମାରୀ, ଦଳପତି ପଙ୍କଜିନୀ ସାହୁ, ଶିବଶଙ୍କର ବିଭାର, ସୁରେନ୍ଦ୍ର ସାହୁ, ସମୀର ନନ୍ଦ, ଉନ୍ନୟନ ଅଧିକାରୀ କିରଣ ବାଳା ରାଉତ, ରଜନୀ ବିଶ୍ୱାଳ, ବିନ୍ମୟ ଚକ୍ରବର୍ତ୍ତୀ, ନିବେଦିତା ପ୍ରଧାନ, ନୃପରାଜ ପ୍ରଧାନ, ମନତି ସାହୁ, ବେଦବ୍ୟାସ ସାହୁ ବିଭିନ୍ନ ବନସୁରକ୍ଷା ସମିତି କର୍ମକର୍ତ୍ତା ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଭିନ୍ନ ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ କରି ତାହାର ସଦୁପଯୋଗ, ବ୍ୟବହାର କରି ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ତାହା ବୁଝାଇଥିଲେ। ଏହାସହ ମହିଳାମାନେ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ଦିଗରେ କିଭଳି ପଦକ୍ଷେପ ନେଇ ପାରିବେ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



**ନୂଆପଡା,୨।୧୨ (ମକାରୁ ବେମାଲ):** ନୂଆପଡା ଜିଲା କୋମନା ଥାନା ଜଟଗଡ ପଞ୍ଚାୟତ ସାହାଜଟ ଗାଁର ଜଣେ ଯୁବକ ଚେନ୍ନାଇକୁ କାମ କରିବାକୁ ଯାଇଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଦିଗାମ୍ବର ଅହିର(୨୧)। ପ୍ରାପ୍ତ ସୂଚନାଅନୁଯାୟୀ, ଜଟଗଡ ପଞ୍ଚାୟତ ସାହାଜଟ ଗାଁର କେତେଜଣ ଯୁବକ ଚେନ୍ନାଇ ଯାଇ କମ୍ପାନୀ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହା ଦେଖି ଦିଗାମ୍ବର ମଧ୍ୟ ଗାଁ ଯୁବକମାନଙ୍କ ସହ ଚେନ୍ନାଇ ଯାଇ କାଠପେଡି କମ୍ପାନୀରେ ଟାଇଲସ ଲଗାଇବା କାମରେ ନିୟୋଜିତ ଥିଲେ। ରବିବାର ସକାଳେ ମୁହଁ ଧୋଇବା ପାଇଁ ପାଣି ଟାଙ୍କି ପାଖକୁ ଯାଇଥିବା ବେଳେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛଟପଟ ହେଉଥିଲେ। ଏହି ସମୟରେ ସାଥୀ ପିଲାମାନେ ଦେଖି କମ୍ପାନୀ ମାଲିକଙ୍କୁ ଜଣାଇବାରୁ ହସ୍ପିଟାଲକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦିଗାମ୍ବରଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ପହଞ୍ଚିଲେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ। କମ୍ପାନୀ ମାଲିକ କିମ୍ବା ସାଙ୍ଗ ପିଲାମାନଙ୍କ ସହ ପରିବାର ଲୋକଙ୍କ ଯୋଗାଯୋଗ ହୋଇପାରୁ ନ ଥିବାରୁ କୌଣସି ସୂଚନା ମିଳିପାରୁ ନାହିଁ। ସେଥିପାଇଁ ପରିବାର ବହୁତ ଦୁଃଖିତ ରହିଛନ୍ତି। ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ମୃତଦେହ ଆଣିବା ପାଇଁ ସକ୍ଷମ ନୁହନ୍ତି। ମୃତଦେହ କମ୍ପାନୀ ମାଲିକ ହେଉ ବା ଜିଲା ପ୍ରଶାସନ ଘର ପର୍ଯ୍ୟନ୍ତ ଆଣିବା ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ରୁପ୍ରାରୋଡ, ୨।୧୨(ସଞ୍ଜିବ ଦାସ):** କଳାହାଣ୍ଡି ଜିଲା ରୁପ୍ରାରୋଡ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ସ୍ଥାନୀୟ ତୁଲାପଡା ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଶିଲ ସେନାପତି ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ଭାବେ ଅଶିମ ରଞ୍ଜନ ନାଗ ଓ ଇତିହାସ ଅଧ୍ୟାପକ ବିଜୟ କୁମାର ଭୋଇ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ନିକୁଞ୍ଜ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଶିବରାମ ସାହୁ ବିବରଣୀ କରିଥିବାବେଳେ ଆଚାର୍ଯ୍ୟ ବିମଳ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ନେଇ ରାସ୍ତାରୋକୋ

- ମୃତଦେହକୁ ଥାନା ପରିସରକୁ ଆଣି ଧାରଣା
- ପିକଅପ୍ ଧକାରେ ବାଇକ୍ ଚାଳକଙ୍କ ମୃତ୍ୟୁ
- କ୍ଷତିପୂରଣ ଦାବିରେ ଲୋକଙ୍କ ରାସ୍ତାରୋକୋ

**ଭବାନୀପାଟଣା, ୨।୧୨(ଉତ୍ତମ କୁମାର ଦାଶ)**



ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ତୁରକେଲ ବ୍ରିଜ ନିକଟରେ ପିକଅପ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁକୁ ନେଇ ଚାପା ଉତ୍ତେଜନା ଦେଖାଦେଇଛି। ଏହାକୁ ନେଇ ଲୋକେ ରାସ୍ତାରୋକୋ କରିଥିଲେ। ମୃତ ବାଇକ ଆରୋହୀଙ୍କ ନାମ ଦୂତିକୃଷ୍ଣ ପୁଟେଲ (୩୭)। ତାଙ୍କ ଘର ମେଦିନୀପୁର ଗ୍ରାମର ବୋଲି ଜଣାପଡିଛି। କ୍ଷତିପୂରଣ ଦାବିରେ ସୋମବାର ସକାଳରୁ ଅପରାହ୍ନ ଯାଏ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ୧୬ନଂ. ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଶତାଧିକ ଯାନବାହନ ଚଳାଚଳ କରି ନ ପାରି ଅଟକ ରହିଥିଲା। ପରେ ମୃତଦେହକୁ ସଦର ଥାନା ପରିସରକୁ ଆଣି ଧାରଣା ଦେଇଥିଲେ। ପରେ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କ ପକ୍ଷରୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ପରେ ଆନ୍ଦୋଳନକାରୀ ଧାରଣାରୁ ହଟିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଦୂତିକୃଷ୍ଣ ସେଂପୁରଠାରେ ଏକ ଚପଲ ଦୋକାନ ଦେଇଥିଲେ। ରବିବାର ସନ୍ଧ୍ୟାରେ ଦୋକାନ ବନ୍ଦକରି ଘରକୁ ଫେରୁଥିବାବେଳେ ବାଟରେ ତୁରକେଲ ବ୍ରିଜ ଉପରେ ଏକ ପିକ୍‌ଅପ୍ ନଂ. ଓଡି ୦୮କେ ୧୫୮୬ ତାଙ୍କୁ ଧକ୍କା ଦେଇଥିଲା। ଯାହାଫଳରେ ଦୂତିକୃଷ୍ଣ ୬୦ ଫୁଟ ପୋଲ ତଳକୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ କର୍ଲାପଡ଼ା ଫାଣ୍ଡି ପୋଲିସ ଦୁର୍ଘଟଣା ଘଟାଇଥିବା ପିକଅପ୍ ଗାଡ଼ି ସହ ଚାଳକଙ୍କୁ ଅଟକ ରଖିଛି।

# ବ୍ୟବସାୟୀଙ୍କ ଘରୁ ଟଙ୍କା, ସୁନାଗହଣା ଲୁଟ୍

**ଥୁଆମୂଳ ରାମପୁର, ୨।୧୨(ଦୁର୍ଗା କୀର୍ତ୍ତି)**

**ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବଢୁଛି**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଥୁଆମୂଳ ରାମପୁର ସହରର ମୁଖ୍ୟ ରାସ୍ତାରେ ଥିବା ଘର ଓ ଦୋକାନଗୁଡ଼ିକ ମଧ୍ୟ ସୁରକ୍ଷିତ ନୁହେଁ। ରବିବାର ରାତି ପ୍ରାୟ ୧୨ଟାରେ କାଠକୁରା ମୁଖ୍ୟ ରାସ୍ତା ଛକଠାରେ ଥିବା ଏକ କ୍ଷୁଦ୍ର ବ୍ୟବସାୟୀ ସୁନାଧର ଗୌଡ଼ଙ୍କ ଘରୁ ବଡ଼ଧରଣର ଡକାୟତି ହୋଇଛି। ପରିବାର ଲୋକେ ରାତିରେ ଶୋଇଥିବାବେଳେ ୧୦ ରୁ ୧୨ ଜଣ ଦୁର୍ବୃତ୍ତ ୩ଟି ମୋଟର ସାଇକେଲ ଏବଂ ଗୋଟିଏ ଚାରିଚକିଆ ଗାଡ଼ିରେ ଆସି ଡକାୟତି କରିଥିବା ଜଣାପଡିଛି। ଘରେ ସମସ୍ତେ ଶୋଇଥିବାର ସୁଯୋଗ ନେଇ ଅଭିଯୁକ୍ତମାନେ ପ୍ରଥମେ ତାଙ୍କ ଦୋକାନ କବାଟ ଭାଙ୍ଗି ଟଙ୍କାପଇସା ଲୁଟ କରିବା ସହ ଘର ଭିତରେ ପଶି ଆଲମିରା ଭାଙ୍ଗି ସେଠାରେ ଥିବା ନଗଦ ୧ ଲକ୍ଷ ୧୫ ହଜାର ଟଙ୍କା ସହ ସୁନାଗହଣା, ମୋବାଇଲ, ଟିଭି ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୪୦ ହଜାର ନେଇଯାଇଥିବା ଅଭିଯୋଗ ହୋଇଛି । ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୧୯୦/୨୦୨୪) ରୁଜୁ କରିଛି। ଥାନା ଅଧିକାରୀ କୈବଲ୍ୟ ସେଠ ଓ ତାଙ୍କ ସହକର୍ମୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ସାହାଯ୍ୟ ନିଆଯାଇଥିବା ସୂଚନା ମିଳିଛି। ଏଠାରେ ପ୍ରକାଶ ଥାଉକି ଗତ କିଛି ମାସ ତଳେ ଥୁଆମୂଳ ରାମପୁର ସଦର ମହକୁମାର କୈଳାଶ ଚନ୍ଦ୍ର ପରିଛା ନାମକ ଜଣେ ବ୍ୟବସାୟୀଙ୍କ ଟ୍ରାକ୍ଟର ଏବଂ ୨୦ରୁ ୩୦ ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିଲା। ଏହାର କିଛିଦିନ ବ୍ୟବଧାନ ପରେ କାଠକୁରା ଗ୍ରାମର ଉମେଶ ଚନ୍ଦ୍ର ନାଏକ ନାମକ ବ୍ୟକ୍ତିଙ୍କ କାର କୌଣସି ଦୁର୍ବୃତ୍ତ ଚୋରି କରିନେଇଯାଇଥିଲେ। ପୋଲିସ ସହାୟତାରେ କାଶୀପୁର ଥାନା ଅଞ୍ଚଳର ଏକ ଜଙ୍ଗଲରୁ କାରକୁ ଉଦ୍ଧାର କରାଯାଇଥିଲା। ପୁଣି ଏହାର ମାସେ ନ ପୁରୁଣୁ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଭାଟିରୁ ମଦରନ୍ଧନ ତମ୍ବା ହଣ୍ଡା ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ଚୋରି ହୋଇଯାଇଛି। ବର୍ତ୍ତମାନ ଠିକ ଭାବରେ ପୋଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ କରା ନ ଯାଏ ତେବେ ଅଞ୍ଚଳରେ ଆହୁରି ଚୋରି ଘଟଣାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ବିଭିନ୍ନ ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର୍ ଧରିବାରେ ଲାଗିଛି।

# ବିଶ୍ୱ ଏଡ୍‌ସ ଦିବସରେ ସଚେତନତା ରାଲି




କୋକସରାରେ ଏଡ୍‌ସ ସଚେତନତା ରାଲି ।

**କୋକସରା, ୨।୧୨(ଦୁଷ୍ମନ୍ତ କୁମାର ପାଇଯୋଷୀ)**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ରେଡ୍ ରିବନ କ୍ଲବ ଓ ଯୁଥ ରେଡ୍‌କ୍ରସ ମିଳିତ ଆନୁକୂଲ୍ୟରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳନ ଓ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଯୁଥ ରେଡ୍‌କ୍ରସର ପରାମର୍ଶଦାତା ତଥା ଅଧ୍ୟାପକ ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଡିଗ୍ରୀ ମହାବିଦ୍ୟାଳୟରୁ ଏକ ସଚେତନତା ରାଲି ବାହାରିଥିଲା। ଏଥିରେ ରେଡ୍‌ରିବନ କ୍ଲବ ଓ ଯୁଥ ରେଡ୍‌କ୍ରସର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସେମାନେ କୋକସରା ସହର ପରିକ୍ରମା କରିବା ସହ ଏଡ୍‌ସ ନିରାକରଣ ଓ ସୁରକ୍ଷାକୁ ନେଇ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପରାଜ ମେହେର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଡାକ୍ତର ସାହୁ, ସମ୍ମାନିତ ଅତିଥି ଭାବେ ଏନସିସି କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପକ ଐଗିନାଶନ ଚିନ୍ଦା, ଜଗନ ଚନ୍ଦାନି, ଅଧ୍ୟାପିକା କନକମଞ୍ଜରୀ ବେହେରା, ଶୁଭଶ୍ରୀ ସାହୁ, ବେଦମତି ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ, ରଚନା, ବକ୍ତୃତା ଓ ସାଧାରଣଜ୍ଞାନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ରକ୍ତଦାନ ଶିବିର

**ନୂଆପଡା, ୨।୧୨ (ମକାରୁ ବେମାଲ)**

ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସବ୍‌ସେଣ୍ଟର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଟାନୱାଟଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ । ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ଜୟରାମ ସତନାମୀ ଓ ସମିତି ସଭ୍ୟ ରେଖା ଜାଲ ପ୍ରମୁଖ ଅତିଥି ଭାବରେ ଯୋଦେଇଥିଲେ। ଏହା ପରେ ନୂଆପଡା ଜିଲାପାଳ ମଧୁସୂଦନ ଦାସ ଯୋଗଦେଇ ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ । ଶିବିରରେ ମୋଟ ୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆଶାକର୍ମୀ ଗୋପଲକ୍ଷ୍ମୀ ପାଣ୍ଡେ ଓ ତାଙ୍କ ସ୍ୱାମୀ ସୁଶାନ୍ତ ମହାନନ୍ଦ ଉଭୟ ରକ୍ତଦାନ କରିଥିବାରୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାସ୍ଥ୍ୟକର୍ମୀ ନିବେଦିତା ପଟେଲ, ନୀଳମଣି ଶବର, ସିଏଚଓ କନକବର୍ଦ୍ଧନ ସାହୁ ପରିଚାଳନା କରିଥିଲେ।

# ଜାପାନରେ ଚମକିଲେ କଳାହାଣ୍ଡି ପୁଅ

**ଜେଏସ୍‌ଏସ୍ ଟ୍ରାଭେଲ ପୁରସ୍କାର ପାଇଲେ ଅନିରୁଦ୍ଧ ନାଏକ**

**ଭବାନୀପାଟଣା, ୨।୧୨(ଉତ୍ତମ କୁମାର ଦାଶ)**



ଅନିରୁଦ୍ଧ ନାଏକ।

ଜାପାନରେ ଚମକିଛନ୍ତି କଳାହାଣ୍ଡି ର ପୁଅ ଅନିରୁଦ୍ଧ ନାଏକ। ଜାପାନର କାଇଟୋ ସାଙ୍ଗିଓ ବିଶ୍ୱବିଦ୍ୟାଳୟରେ ସୋସିଓଲୋଜିକାଲ ସୋସାଇଟି (ଜେଏସ୍‌ଏସ୍)ର ଶହେ ବର୍ଷ ପୂର୍ତ୍ତି ବାର୍ଷିକ ସମ୍ମିଳନୀରେ ଯୋଗଦେଇ 'ବିୟୁଣ୍ଡ ୟୁରୋସେଣ୍ଟ୍ରିଇଜିମ' ଭାରତର ଲେନ୍ସ ମାଧ୍ୟମରେ ଗ୍ଲୋବାଲ ସୋସୋଲୋଜି ଉପରେ ଏକଅନୁସନ୍ଧାନକାଗଜଉପସ୍ଥାପନ କରିଥିଲେ। ଯାହାକି ଉପସ୍ଥିତ ପଣ୍ଡିତ ତଥା ବିଦ୍ୱାନ ବ୍ୟକ୍ତିଙ୍କ ହୃଦୟ ଜିତିପାରିବା ସହ ତାଙ୍କୁ ଜାପାନ ସୋସୋଲୋଜିକାଲ ସୋସାଇଟି (ଜେଏସ୍‌ଏସ୍) ଟ୍ରାଭେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତରୁ ଜଣେ ମାତ୍ର ଗବେଷକ ଛାତ୍ର ଭାବେ ସେଠାରେ ସେ ଅଂଶଗ୍ରହଣ କରିଥିଲେ। ଅନିରୁଦ୍ଧ ଏବେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ପିଏଚଡି ଗବେଷକ ଛାତ୍ର ରହିଛନ୍ତି। ଏହି ସଫଳତାକୁ ନେଇ ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଅନିରୁଦ୍ଧ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଟିଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମର ପଦ୍ମକେଶରୀ ନାଏକଙ୍କ ପୁଅ ଅଟନ୍ତି।

# ବାଲ୍ୟ ବିବାହ ରୋକିବା ପାଇଁ ଶପଥପାଠ

**ଭବାନୀପାଟଣା, ୨।୧୨(ଉତ୍ତମ କୁମାର ଦାଶ)**



ବାଲ୍ୟ ବିବାହକୁ ରୋକିବା ପାଇଁ ଶପଥପାଠ କରାଯାଉଛି।

**ଘରୋଇ ହିଂସା ମୁକାବିଲା ସମ୍ବନ୍ଧୀୟ ସଚେତନତା କର୍ମଶାଳା**

କଳାହାଣ୍ଡି ଜିଲା ଭବାନୀପାଟଣା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ରବିବାର ଘରୋଇ ହିଂସା ମୁକାବିଲା ସମ୍ବନ୍ଧୀୟ ଏକ ସଚେତନତା କାର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ମହିଳାଙ୍କ ସହ ହେଉଥିବା ଘରୋଇ ହିଂସା, ମାନସିକ ତଥା ଶାରୀରିକ ଅତ୍ୟାଚାର ବିରୋଧରେ ସଚେତନତା ସୃଷ୍ଟି କରିବା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ନିରାକରଣ, ଡାହାଣୀ ପ୍ରଥା ପ୍ରତିସଚେତନତା ଇତ୍ୟାଦି ମୁଖ୍ୟ ବିଷୟବସ୍ତୁଗୁଡିକୁ ଆଲୋଚନା କରାଯାଇଥିଲା। ଏହି କାର୍ମଶାଳାରେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ଜେନା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ରୁପେଶ ହୋତା, କିଶୋର ନ୍ୟାୟ ବୋର୍ଡ଼ ମେମ୍ବର ସର୍ନଲତା ମହାନ୍ତି, ପ୍ରୋଟେକଶନ ଅଫିସର ନମିତା ପଲ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ନିୟତିବାଳା ସୋରେନ ଉପସ୍ଥିତ ଥିଲେ। ଶକ୍ତି ଅନୁଷ୍ଠାନର କୋଡିନେଟର ସୁଜିତ ଶେନ ବାଲ୍ୟ ବିବାହାକୁ ରୋକିବା ପାଇଁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପାଞ୍ଚଶହ ବାଳିକା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ଦିବ୍ୟରଞ୍ଜନ ଯୋଷୀ ପରିଚାଳନା କରିଥିବାବେଳେ ୱାନ ସ୍ଟପ ସେଣ୍ଟରର ଶଖୀ ପରିଚାଳିକା ବିନୀତା ଦାସ ଧନ୍ୟବାଦ ଦେଇଥିଲେ।

# ୪ଜଣଙ୍କୁ ମୁଖ୍ୟ ଯୋଗ ଶିକ୍ଷକଭାବେ ଦାୟିତ୍ୱ

**ଖଡ଼ିଆଳ, ୨।୧୨(ସୁଜିତ କୁମାର ପ୍ରଧାନ)**

ଉତ୍ତରାଖଣ୍ଡର ହରିଦ୍ୱାର ସ୍ଥିତ ପତଞ୍ଜଳି ଯୋଗପୀଠରେ ଅନୁଷ୍ଠିତ ପାଞ୍ଚ ଦିବସୀୟ ଯୋଗ ଶିବିରରେ ନୂଆପଡା ଜିଲାରୁ ଯୋଗ ଦେଇଥିବା ଯୋଗ ଶିକ୍ଷକମାନଙ୍କ ମଧ୍ୟରୁ ନୂଆପଡ଼ା ଜିଲା ପାଇଁ ୪ ଜଣଙ୍କୁ ମୁଖ୍ୟ ଯୋଗ ଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ଜିଲାରେ ଯୋଗର ପ୍ରଚାର ଏବଂ ପ୍ରସାର ତଥା ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଓ ସ୍ୱଦେଶୀ ବିଚାର ବିସ୍ତାର ଦିଗରେ ଏମାନେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ସ୍ୱାମୀ ରାମଦେବଙ୍କ ଦ୍ୱାରା ଏହି ଯୋଗ ଶିବିର ସଞ୍ଚାଳନ କରାଯାଇଥିବାବେଳେ ସମସ୍ତଙ୍କୁ ପ୍ରମାଣପତ୍ର ଓ ରୁଦ୍ରାକ୍ଷମାଳ ପ୍ରଦାନ କରାଯାଇଥିଲା। ନୂଆପଡ଼ା ଜିଲାର ଖଡ଼ିଆଳର ଧର୍ମେଶ ମେହେର, ବିଭୂତି ଭୂଷଣ ବିଶି, ଜନ୍ମେଜୟ ମେହେର ଓ କାର୍ତ୍ତିକ ଶବରଙ୍କୁ ମୁଖ୍ୟ ଯୋଗ ଶିକ୍ଷକ ଦାୟିତ୍ୱ ଦିଆଯାଇଥିବା ପତଞ୍ଜଳୀ ଯୋଗ ସମିତି ନୂଆପଡାର ପ୍ରଭାରୀ କ୍ଷମାନିଧି ଦେୱାଙ୍ଗନ, ହେମନ୍ତ କୁମାର ଦଣ୍ଡସେନା ସୂଚନା ଦେଇଛନ୍ତି। ଏଥିସହ ମୁଖ୍ୟ ଯୋଗଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିବା ୪ଜଣ ନବାଗତ ଯୋଗ ଶିକ୍ଷକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଲାଞ୍ଜିଗଡ଼ରେ ହାତୀପଲର ଉପଦ୍ରବ

**ଲାଞ୍ଜିଗଡ, ୨।୧୨(ରମେଶ ଚନ୍ଦ୍ର ନାୟକ)**



ହାତୀଦ୍ୱାରା ଫସଲ ନଷ୍ଟ ହୋଇଛି।

- କମଲେଇ ଗାଁରେ ବିଭିନ୍ନ ଚାଷ ନଷ୍ଟ କଲେ
- କ୍ଷୟକ୍ଷତି ଆକଳନ କଲା ବନବିଭାଗ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳର ବିଭିନ୍ନ ସ୍ଥାନରେ ଦୀଘଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ଶନିବାର ଏବଂ ରବିବାର ବିଳମ୍ବିତ ରାତିରେ ୧୦ ଟିକିଆ ହାତୀପଲ ମୂଷାନାଳ ବନ ବିଭାଗ ଅଧୀନରେ ଥିବା ଲାଖବାହାଲି ପଞ୍ଚାୟତର କମଲେଇ ଗାଁରେ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଦୀର୍ଘଦିନ ହେବ ବିଶ୍ୱନାଥପୁର ରେଞ୍ଜରେ ଥିବା ଲାଞ୍ଜିଗଡ, ବେନଗାଁ, ତ୍ରିଲୋଚନପୁର, ଲାଖବାହାଲି, ବିଜେପୁର, କଦମଗୁଡ଼ା, ବେକୁମଖାଲ ଓ ଭୂର୍ତିଗଡ଼ ପଞ୍ଚାୟତରେ ନିୟମିତ ଭାବେ ହାତୀଙ୍କ ଉପଦ୍ର ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଜନଜୀବନ ସମେତ ଲୋକଙ୍କ ଘର ଭାଙ୍ଗିବା, ଆସବାବପତ୍ର ନଷ୍ଟ କରୁଥିବା ଚିତ୍ର ସାମ୍ନାକୁ ଆସୁଛି। ହାତୀପଲ କମଲେଇ ଗାଁକୁ ପଶି ରାତିସାରା ଗାଁର ସୁଶାନ୍ତ ମାଝୀ, ଜିରାଣା ମାଝୀ, ବାଲି ମାଝୀ, ଜିତେନ୍ଦ୍ର ମାଝୀ, ରାମତୁ ମାଝୀ, ମଧୁ ଓ ଦୀପା ମାଝୀଙ୍କ ସମେତ ଅନେକ ଲୋକଙ୍କ ଧାନ, ମାଣ୍ଡିଆ, କୋସଳା, ବିରି ଓ କୋଳଥ ଚାଷ ନଷ୍ଟ କରିଥିବା ଜଣାପଡିଛି। ଏ ସମ୍ପର୍କରେ ସୂଚନା ପାଇବା ପରେ ରବିବାର ଏବଂ ସୋମବାର ସକାଳେ ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝୀଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଏବଂ ବନବିଭାଗର ଟିମ୍ ଘଟଣାସ୍ଥଳକୁ ଯିବା ସହିତ କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ମିଳିଛି । ହାତୀପଲ ଅଞ୍ଚଳରେ ଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳୁଛି। ଏଣୁ ଏ ସମ୍ପର୍କରେ ବନବିଭାଗ ପକ୍ଷରୁ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯିବାକୁ ଦାବି ହେଉଛି । ଏନେଇ ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝୀଙ୍କୁ ପଚାରିବାରୁ ବିଭାଗୀୟ କର୍ମଚାରୀ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି ଏବଂ ସରକାରଙ୍କ ପ୍ରକ୍ରିୟା ଅନୁଯାୟୀ ତାହା କାର୍ଯ୍ୟକାରୀ ହେବ। ସ୍କ୍ୱାଡ୍ ହାତୀପଲର ଗତିବିଧି ଉପରେ ନଜର ରଖୁଥିବା ପ୍ରକାଶ କରିଛନ୍ତି ।

# ନୃତ୍ୟ ସଙ୍ଗମ ଉଦ୍‌ଯାପିତ

**ଭବାନୀପାଟଣା, ୨।୧୨(ଉତ୍ତମ କୁମାର ଦାଶ)**



ଅମୀୟ ସାହୁଙ୍କୁ ପ୍ରତିଭା ସହଯୋଗୀ ସମ୍ମାନରେ ସମ୍ମାନିତ କରାଯାଉଛି।

**ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଗତ ଶୁକ୍ରବାରଠାରୁ ଚାଲିଥିବା 'ନୃତ୍ୟସଙ୍ଗମ' ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାକୁ ଭବାନୀପାଟଣା ପୌରପାଳିକାର ଭାରପ୍ରାପ୍ତ ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରତିଭା ଅନୁଷ୍ଠାନର ସଭାପତି ଧାନାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ, ଜୟନ୍ତ କୁମାର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘୋଷକ ଭାବେ ଅଞ୍ଜନ କୁମାର ପ୍ରଧାନ ଯୋଗଦେଇ ଦାୟିତ୍ୱ ତୁଲାଇଥିଲେ। ସେହିପରି ଅନୁଷ୍ଠାନ ସମ୍ପାଦକ ଚିଣ୍ଟୁ ପ୍ରସାଦ ନାଏକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଲୋକକଳା ଓ ଲୋକନୃତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥିଙ୍କ ଦ୍ୱାରା ଗୁରୁ ସୀମାଞ୍ଚଳ ନାଗଙ୍କୁ ପ୍ରତିଭା ଲୋକ କଳାରତ୍ନ ସମ୍ମାନ, ଶୁଭଶ୍ରୀ ମୁଖାର୍ଜୀଙ୍କୁ ପ୍ରତିଭା ନୃତ୍ୟ ପ୍ରତିଭା ସମ୍ମାନ, ଲୋଚନୀ ବାଗଙ୍କୁ ପ୍ରତିଭା ନାଟ୍ୟଶ୍ରୀ ସମ୍ମାନ, କମ୍ବୁପାଣି ବାଗଙ୍କୁ ପ୍ରତିଭା ଯୁବ କଳାକାର ସମ୍ମାନ, ସୁଦାମ ବିଶିଙ୍କୁ ପ୍ରତିଭା ଯୁବ ପ୍ରତିଭା ସମ୍ମାନ, ଅମିୟ ସାହୁଙ୍କୁ ପ୍ରତିଭା ସହଯୋଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ତେଲେଙ୍ଗାନା ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗର ସାଂସ୍କୃତିକ ଦଳ, ଗୁରୁ ଇର୍ଲ ମହିପାଲ ଓ ଝିଲମିଲ ଡେକା, (ବିହୁ, ଆସାମ) ପ୍ରମୁଖଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଲିକତାର ମହାଶକ୍ତି –ଅନୁରାଧା ରାୟ ଓ ସାଥି, ଓଡିଶୀ ନୃତ୍ୟ, ଭବାନୀପାଟଣା ସକ୍ଷମ ନୃତ୍ୟ ଏକାଡେମୀ, ସମ୍ବଲପୁରୀ ନୃତ୍ୟ –ଭବାନୀପାଟଣା ସୋନି ଡ୍ୟାନ୍ସ ଏକାଡେମୀ, କୋଲାଟମ ଓ ଓଗୁ ଲୋ – ଭାଷା ଓ ସଂସ୍କୃତି ବିଭାଗ, ତେଲେଙ୍ଗାନା ସରକାର,ମାଲଖମ ନୃତ୍ୟ– ମାଲଖମ ୟୁନାଇଟେଡ, ପୁରୀ,ବିହୁ ଆଶାମ,ସମ୍ବଲପୁରୀ ନୃତ୍ୟ ବୋଧନ ସାଂସ୍କୃତିକ ଅନୁଷ୍ଠାନ, ବରଗଡ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ଓ ବଜାଶାଳ ନୃତ୍ୟ –ଭବାନୀପାଟଣା ଅଗ୍ନିଭୌରବ ସାଂସ୍କୃତିକ ଅନୁଷ୍ଠାନ ପରିବେଷଣ ହୋଇଥିଲା। ଏହାପରେ ଖିରସିନ୍ଧୁ ନାଏକ,ସର୍ବେଶ୍ୱର ଭୋଇ, ନୀଳାଞ୍ଚଳ ପାନ, ପ୍ରକାଶ କୁମାର, ମାଷ୍ଟର ସରୋଜ,ସୁଶ୍ରୀ ସସ୍ମିତା ମହାନ୍ତି, ସଙ୍ଗୀତା ରାଉତ ଅନୁଷା ସାହାଣି ଓ ବାଦ୍ୟଯନ୍ତ୍ର ମାଷ୍ଟର ନିବାସ ଓ ସାଥିଙ୍କ ଦାରା ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଦୁଲୁକିଲା ଉଠିଥିଲା।

## ମାହେଶ୍ୱରୀ ସଙ୍ଗଠନର ଗାଁ ଉତ୍ସବ ପାଳନ

ତରଭା,(ମାନଭଞ୍ଜନ ମିଶ୍ର): ତରଭା ବ୍ଲକ ରୁଗଡିପାଲିରେ ମାହେଶ୍ୱରୀ ସଙ୍ଗଠନ ତରଫରୁ ଗାଁ ଉତ୍ସବ ପାଳିତ ହୋଇଯାଇଛି । ଅତିଥିଭାବେ ମାହେଶ୍ୱରୀ ସଙ୍ଗଠନ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ, ବଲାଙ୍ଗୀର ଜିଲା ମାହେଶ୍ୱରୀ ସଙ୍ଗଠନ ସଭାପତି ଶୋଭନ ଅଗ୍ରୱାଲ, ତରଭା ବ୍ଲକ ସଭାପତି ପ୍ରଦୀପ ମେହେର, ରୁଗଡିପାଲି ପଞ୍ଚାୟତ କୋଅର୍ଡିନେଟର ରିଙ୍କୁ ମେହେର, ବ୍ରାହ୍ମଣି ପଞ୍ଚାୟତ ସମିତି ସଭ୍ୟ ରାମ ସାହୁ, ନାଏବ ସରପଞ୍ଚ ପଦ୍ମାବତୀ ରଣା, ରୁଗଡିପାଲି ଗାଁ ମୁଖିଆ ବାଲ୍ମିକୀ ମେହେର ଓ ସୁରେଶ କୁମାର ସାହୁ ଯୋଗଦାନ କରିଥିଲେ। ଶଙ୍କର ବଡିଆ ମଞ୍ଚ ପରିଚାଳନା କରିଥିଲେ। ଏଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା।

# ଜୀବନହାନି ଆଶଙ୍କା, ପ୍ରଶାସନ ବେଫିକର

ସୋନପୁର,୨।୧୨(ମୃତ୍ୟୁଞ୍ଜୟ ଶତପଥୀ)



ସୋନପୁର ବ୍ଲକ ଛକରେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା।

■ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଅଚଳ
■ ମରାମତି ପାଇଁ ୫ ଲକ୍ଷ ଯୋଗାଡ଼ ହୋଇପାରୁନି

ସୁବର୍ଣ୍ଣପୁର ସହରର ବ୍ୟସ୍ତବହୁଳ ବ୍ଲକ ଛକର ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଅଚଳ ହୋଇପଡିଛି। ୧ ମାସ ହେବ ଟ୍ରାଫିକ୍ ଲାଇଟ୍ ଅଚଳ ହୋଇ ଯାଇଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିନା ଟ୍ରାଫିକ୍ ପୋଲିସ ଓ ସିଗ୍ନାଲ ଲାଇଟ୍‌ରେ ଲୋକେ ବେପରୁଆ ଭାବେ ଯାତାୟତ କରୁଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ ଦୁର୍ଘଟଣା ଘଟି ଜୀବନହାନୀ ହେବାର ଆଶଙ୍କା ସୃଷ୍ଟି ହୋଇଛି। ମାତ୍ର ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ବେଫିକର ଥିବା ଭଳି ମନେ ହେଉଛି।

ପ୍ରାକ୍ତନ ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କ ଅନୁରୋଧ କ୍ରମେ ପରିବହନ ବିଭାଗର ତତ୍କାଳୀନ କମିଶନର ଅରୁଣ ବୋଥ୍ରା ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ପାଇଁ ୧୪ ଲକ୍ଷ ୩୮ ହଜାର ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ପ୍ରକ୍ରିୟା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୦୨୨ରେ ବ୍ଲକ ଛକରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପ୍ରକଳ୍ପ ଉଦ୍‌ଘାଟନ ପରେ ତାହା ଅଢେଇ ବର୍ଷ ଧରି ଟ୍ରାଫିକ୍ ନିୟନ୍ତ୍ରଣରେ ବେଶ ସହାୟକ ହୋଇଥିଲା। ଜିଲାର ଏହା ଏକମାତ୍ର ସିଗନାଲ୍ ଲାଇଟ୍ ବ୍ୟବସ୍ଥା। ଏବେ ସିଗ୍ନାଲ ଲାଇଟ୍ ଅକାମୀ ହୋଇଯିବାରୁ ଟ୍ରାଫିକ୍ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କୁ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡୁଛି। ବ୍ଲକ ଛକ ସହରକୁ ପ୍ରମୁଖ ପ୍ରବେଶ ପଥ ତଥା ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ନବରଙ୍ଗପୁର, ସମ୍ବଲପୁର, ବରଗଡ, ଝାରସୁଗୁଡା ଆଦି ସ୍ଥାନକୁ ଯିବା ପାଇଁ ପ୍ରମୁଖ ଛକ ହୋଇଥିବାରୁ ଏଠାରେ ସବୁ ସମୟରେ ଗାଡି ମୋଟରର ଭିଡ ରହୁଛି। ପୂର୍ବରୁ ନୂଆ ବର୍ଷ ସମୟରେ ଏହି ଛକରେ ବଡ ଦୁର୍ଘଟଣା ଘଟି ବାପ-ପୁଅଙ୍କ ଜୀବନ ହାନୀ ଘଟି ସାରିଛି। ବ୍ଲକ ଛକରେ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଟ୍ରାଫିକ୍ ପୋଲିସ ଡ୍ୟୁଟି କରୁଛନ୍ତି। ସନ୍ଧ୍ୟା ପରେ ଅସୁରକ୍ଷିତ ଭାବେ ଡ୍ୟୁଟି କରୁଥିବା ପୋଲିସଙ୍କୁ ଟ୍ରାଫିକ୍ ଡ୍ୟୁଟି ପାଇଁ ନିକଟରେ ରେଡିୟମ ଲାଗିଥିବା ସାର୍ଟ, ଲାଲ ଓ ସବୁଜ ଲାଇଟ୍ ଯୋଗାଇ ଦିଆଯାଇଛି। ଅନ୍ୟ ସମୟରେ ଭଗବାନଙ୍କ ଭରସାରେ ଲୋକେ ଯାତାୟତ କରୁଛନ୍ତି। ଲୋକେ ଯିଏ ଯେଉଁ ପଟକୁ ଚାହୁଁଛି ଅପେକ୍ଷା ନକରି ଚାଲିଯାଉଛି। ସବୁ ଜିଲାରେ ଟ୍ରାଫିକ୍ ସିଗନାଲ ଲାଇଟ୍ ଲଗାଇବା ଓ ସଜାଡିବା କାମ ପୋଲିସ ବିଭାଗ କରୁଛି। ଏଠାରେ ପ୍ରକ୍ତନ ଏସ୍‌ପିଙ୍କ ଅନୁରୋଧ କ୍ରମେ ପରିପହନ ବିଭାଗ ଅର୍ଥ ମଞ୍ଜୁର କରିଥିଲା। ଏବେ ଲାଇଟ୍ ମରାମତି ପାଇଁ ପ୍ରାୟ ୫ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ଟଙ୍କା ଗୃହ ବିଭାଗ ଦେବ କି ଜିଲା ପ୍ରଶାସନ ଯୋଗାଇ ଦେବ ତାହା ସ୍ଥିର ହୋଇପାରୁନି। ଇତିମଧ୍ୟରେ ଜିଲା ପୋଲିସ, ଜିଲାର ପୂର୍ତ୍ତ ଓ ପରିବହନ ବିଭାଗକୁ ଚିଠି ଲେଖି ନିଜର କାମ ସାରିଦେଇଛି। ଏହି ଘଟଣା ଜିଲାପାଳଙ୍କ ନଜରକୁ ମଧ୍ୟ ଆସୁନି। ତେବେ କୌଣସି ଅଘଟଣ ପୂର୍ବରୁ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଶୀଘ୍ର ସଜାଡିବା ପାଇଁ ସାଧାରଣରେ ଦାବି ହେଉଛି।

# ସଚେତନତା ମାଧ୍ୟମରେ ରୋଗବୃଦ୍ଧିକୁ ରୋକିହେବ


ଅତିଥିମାନଙ୍କ ସହ କୃତୀ ଛାତ୍ରୀମାନେ।

ଅମରପାଲି,୨।୧୧(ପୀତାମ୍ବର ସାହୁ)

**ବୀରମହାରାଜପୁର ମହିଳା କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ବିଶ୍ୱ ଏଡସ ଦିବସ ଉପଲକ୍ଷେ ଯୁବ ରେଡକ୍ରସ ତରଫରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଆଶୁତୋଷ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ପଦ୍ମିନୀ ପୁରୋହିତ ମୁଖ୍ୟବକ୍ତାଭାବେ ଯୋଗଦେଇ ସଚେତନତା ଦ୍ୱାରା ଏହି ମାରାତ୍ମକ ରୋଗ ବୃଦ୍ଧିକୁ ରୋକାଯାଇପାରିବ। ଯୁବପିଢ଼ି ଏହାର ମଙ୍ଗ ଧରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ବରିଷ୍ଠ ଅଧ୍ୟାପିକା ସନ୍ଧ୍ୟାରାଣୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ନିରାକରଣ ପଦ୍ଧତି ଉପରେ ଆଲୋକପାତ କରିଥିଲେ। କଲେଜ ରେଡକ୍ରସ ପରାମର୍ଶଦାତା ଗୀତାଞ୍ଜଳି ପଧାନ ସଭାର ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାକୁ ଅଧ୍ୟାପିକା ସନ୍ତୋଷିନୀ ନାୟକ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଅପର୍ଣ୍ଣା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ଏକ ସଚେତନତା ଶୋଭାଯାତ୍ରାରେ ଛାତ୍ରୀମାନେ ନିକଟସ୍ଥ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ଜାତୀୟ ଗୋପାଳରତ୍ନ ଭାସ୍କରଙ୍କୁ ନାଗରିକ ସମ୍ବର୍ଦ୍ଧନା

ଅମରପାଲି, ୨।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଶ୍ରୀୟା କର୍ମୀଙ୍କ ନେତୃତ୍ୱରେ ଏକ ନାଗରିକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଜାତୀୟ ଗୋପାଳରତ୍ନ ସମ୍ମାନପ୍ରାପ୍ତ ଆର୍ଟିଫିସିଆଲ ଇନ ସେମିନେଶନ ଟେକନିସିଆନ(ଏଆଇଏଫ) ଭାସ୍କର ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ନାଏବ ସରପଞ୍ଚ କମଳିନୀ ମହାପାତ୍ର, ୱାର୍ଡସଭ୍ୟ ଧରିତ୍ରୀ ବାଘ, ମିନତୀ ଭୋଇ, ସୁଦାମ ଭୁଇ, ଘାସିରାମ ବାଦୀଙ୍କ ସମେତ ଗ୍ରାମ ପଞ୍ଚାୟତସ୍ତରୀୟ ଫେଡେରେଶନ କାର୍ଯ୍ୟକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ପଞ୍ଚାୟତର ବହୁ ଗୋପାଳକ ଉପସ୍ଥିତ ଥିଲେ । କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟ ଗୋପାଳରତ୍ନ ପୁରସ୍କାରରେ ସମ୍ମାନୀତ ହୋଇଥିବା ପଧାନ ନିଜ କର୍ମଭୂମିରେ ୧୦ ହଜାରରୁ ଅଧିକ ଗିର, ରେଡସିନ୍ଧି, ସାହିୱାଲ, ଜର୍ସି, ହଲିଷ୍ଟନ ପ୍ରଜାତି ବାଛୁରି କୃତ୍ରିମ ପ୍ରଜନନ ମାଧ୍ୟମରେ ସୃଷ୍ଟି କରିଛନ୍ତି । ସେ ସେକ୍ସ ସର୍ଟେଟ ସିମେନ ଯୋଗାଇ ୨୫ହଜାର ମାଈ ବାଛୁରି ସୃଷ୍ଟିକରି ତୃତୀୟ ଥର କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଥିବାରୁ ଉପସ୍ଥିତ ଗୋପାଳକମାନେ ତାଙ୍କର ପ୍ରଶଂଶା କରିଥିଲେ।

### କାଶୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

ଡୁଙ୍ଗୁରିପାଲି, ୨।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପହଣ୍ଡିସ୍ଥିତ କାଶୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ସଚେତନତା ପାଇଁ ପହଣ୍ଡି ଗ୍ରାମରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରା କରିଥିଲେ। ଦିବସ ପାଳନ ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଶିକ୍ଷକ ଫକିର ମୋହନ ପାଧନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ରାତ୍ର ମେସୁଆ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପିକା ଡିଲେଶ୍ୱରି ସେଠ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷା କୁମାରୀ ସାଇସ୍ମିତା ବରାଇ ସଭାରେ ଅଧକ୍ଷତା କରିଥିଲେ। ଯୁବ ରେଡକ୍ରସ ସଂଯୋଜିକା ଚନ୍ଦ୍ରମା ବିଶ୍ୱାଳ ଏଡସ୍‌ର କାରଣ, ନିରାକରଣ ଉପରେ କହିଥିଲେ। ଅତିଥିମାନେ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରୀ ପୂଜା ମେହେର, ଦ୍ୱିତୀୟ କଲ୍ୟାଣୀ ମେହେର, ତୃତୀୟ ସ୍ଥାନ ଅଧିକାର କରିଥିବା ଶୁଭମ ବହିଦାରଙ୍କୁ ପୁରସ୍କୃତ କରିଥିଲେ। ଅଧାପିକା ଗାୟତ୍ରୀ ମହାକୁର, ଅଧାପକ ଦିପ୍ତେଶ ପାଣିଗ୍ରାହୀ, ରାକେଶ ସାହୁ, କ୍ଷୀରୋଦ୍ର ବାଗ, ବର୍ଷାରଣୀ ଡାଙ୍ଗ, ସୁବ୍ରତ ପୁଟେଲ, ପୁଷ୍ପାଞ୍ଜଳି ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଡିଲେଶ୍ୱରି ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ସୋନପୁର,୨।୧୨(ମୃତ୍ୟୁଞ୍ଜୟ ଶତପଥୀ)


ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ ଶିବିରରେ ଯୋଗଦାନ କରି ୨୭ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ଥିଲା। ଗୋଟିଏ ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିବା ବେଳେ ଅନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୌମ୍ୟାରୂପା ରଥ, ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝି, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ, ସୋନପୁର ତହସିଲଦାର ଯୋଗେଶ୍ୱର ଧରୁଆ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଅନୁପମା ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଓ ଡେପୁଟି କଲେକ୍ଟର କୃଷ୍ଣ ମୋହନ ସିଂଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ।

# ବଡ଼ଦେଓ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି,୨।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନଡେିଲା ପଞ୍ଚାୟତର କୁଞ୍ଜାପାଲି ବଡଦେଓ ପୂଜାପୀଠରେ ୨୦ତମ ବଡଦେଓ ମହୋତ୍ସବ ହେବ। ଏଥିପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡଦେଓ କ୍ରିୟାନୁଷ୍ଠାନ କମିଟି ସଭାପତି ଅଚ୍ୟୁତ ପଧାନଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସୋନପୁର ଜିଲା ଷଡବଂଶୀୟ ଗୋଣ୍ଡ ସମାଜ ସଭାପତି ରାମଚନ୍ଦ୍ର ନାଏକ ଏହି ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଆସନ୍ତା ଡିସେମ୍ୱର ୩୧ ତାରିଖରୁ ଜାନୁୟାରୀ ୨ ପର୍ଯ୍ୟନ୍ତ ବଡଦେଓ ମହୋତ୍ସବ ପାଳନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ସ୍ଥିରିକୃତ କରାଯାଇଛି। ବିଭିନ୍ନ ସର୍କଲ କମିଟିର ସଭ୍ୟା ସଭ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ବିଶ୍ୱାମିତ୍ର ପଧାନ ଧନ୍ୟବାଦ ଅର୍ପଣ ଦେଇଥିଲେ।

# ଶିକ୍ଷକ ନିଯୁକ୍ତି ପାଇଁ ବିଇଓଙ୍କୁ ଦାବିପତ୍ର


ବିଇଓଙ୍କୁ ଏସ୍‌ଏମ୍‌ସି କମିଟି ଓ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଡୁଙ୍ଗୁରିପାଲି, ୨।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ପଞ୍ଚାୟତ ଟୁନିଆଁମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନେଇ ଏସ୍‌ଏମ୍‌ସି କମିଟି ଓ ଗ୍ରାମବାସୀ ସୋମବାର ଜିଲା ଶିକ୍ଷାଅଧିକାରୀଙ୍କ ଉଦେଶ୍ୟରେ ବିଇଓ ଗଣେଶ କିଷାନଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୪ଛାତ୍ରୀଛାତ୍ର ପଢୁଛନ୍ତି। ୫ଜଣ ଶିକ୍ଷକ ଥିଲେ। ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ପରେ ୪ଜଣ ଶିକ୍ଷକ ଅଛନ୍ତି। ୮ଟି ଶ୍ରେଣୀର ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ୪ ଜଣ ଶିକ୍ଷକ ପଢାଇବା ସମ୍ଭବ ହେଉନାହିଁ। ଶିକ୍ଷକ ନିଯୁକ୍ତି ଦେବ ପାଇଁ ବିଭିନ୍ନ ସମୟରେ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଏଥିପ୍ରତି ଅଣଦେଖା କରାଯାଇଛି। ତେଣୁ ଶିକ୍ଷକ ନିଯୁକ୍ତି ପାଇଁ ଏହି ଦରଖାସ୍ତ ମାଧ୍ୟମରେ ପୁନଃ ଦାବି କରାଯାଉଛି। ଦାବି ପୂରଣ ନ ହେଲେ ଗ୍ରାମବାସୀ ଆଗାମୀ ଦିନରେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସ୍କୁଲ ଏସଏମସି କମିଟି ସଭାପତି ଅମରନାଥ ଯୁଆଡ଼ି, ଉପ ସଭାପତି ସୁଷମା ନାଗ, ସଭ୍ୟ ରାଜୁ ତାଣ୍ଡି, ହେମରାଜ ବାରିକ, ଅଭିମନ୍ୟୁ ସୁନାଙ୍କ ସହ ପୂର୍ଣ୍ଣଚନ୍ଦ୍ର ଯୁଆଡ଼ି, ସୁଦାମ ସାହୁ, ଛନକ ସାହୁ, ରାଜକୁମର ଘିବିଲା,ଶନି ତାଣ୍ଡି, ଅଜିତ ଭରାସାଗର, ଶିବ ନାଏକ, ସୁରେଶ ନାଏକ ଦହନ ନାଗ, ସନ୍ତୋଷ କୁଅର ପ୍ରମୁଖ ଉପସ୍ଥିତ ଥିଲେ। ବିଇଓ ଗଣେଶ କିଷାନଙ୍କୁ ପଚାରିବାରୁ ଆସନ୍ତା ଗୁରୁବାର ସୁଦ୍ଧା ଏକ ଶିକ୍ଷକ ଟୁନିଆଁମୁଣ୍ଡା ସ୍କୁଲକୁ ଦିଆଯିବ ବୋଲି କହିଛନ୍ତି।

# ବଢୁଛି ଶିଶୁର ମୁଣ୍ଡ, ଚିନ୍ତାରେ ମା’ବାପା

ବୌଦ୍ଧ,୨।୧୨(ଅଜିତ କୁମାର ବରିକ)

**ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ**



ବୌଦ୍ଧ ସଦର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣିପାଲି ପଞ୍ଚାୟତର ପିଙ୍ଗଲାବେଡା ଗ୍ରାମର ଶୁକଦେବ ସାହୁଙ୍କ ଅଢେଇ ବର୍ଷର ଝିଅ ରୋଜି ସାହୁଙ୍କ ଅସ୍ୱାଭାବିକ ଭାବରେ ମୁଣ୍ଡ ବଢୁଥିବାରୁ ତାଙ୍କ ମା’ ବାପା ଚିନ୍ତାରେ ଅଛନ୍ତି । ଝିଅର ଚିକିତ୍ସା ପାଇଁ ଏବେ ଅର୍ଥ ବାଧକ ସାଜିଛି । ଏହା ଭିତରେ ବିଭିନ୍ନ ସ୍ଥାନରେ ଚିକିତ୍ସା କରି କରି ପୁରା ପରିବାର ହତାଶ ହୋଇ ପଡିଲେଣି । ରୋଜିଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏହାପରେ ଜିଲା ପ୍ରଶାସନର ସହଯୋଗକ୍ରମେ ଚିକିତ୍ସା ପାଇଁ କଟକ ଶିଶୁ ଭବନକୁ ନିଆଯାଇଥିଲା । ସେଠାରେ ଚିକିତ୍ସା ପରେ ମଧ୍ୟ ଶିଶୁଟିର ମୁଣ୍ଡ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପଟେ ଗରିବ ପରିବାର ମୂଲ ଲାଗି ଚଳୁଥିବା ବେଳେ ଚିକିତ୍ସା କିପରି କରିବେ ଚିନ୍ତାର କାରଣ ହୋଇଛି। ଝିଅର ଏଭଳି ଅବସ୍ଥା ଦେଖି ମା’ ଟୁନି ସାହୁଙ୍କ ଆଖିରୁ ଲୁହ ଶୁଖୁନାହିଁ। ମୁଣ୍ଡର ଓଜନ ପାଇଁ ଶିଶୁ ଠକରେ ଶୋଇ ପାରୁନାହିଁ କି ଚଲାବୁଲା ମଧ୍ୟ କରିପାରୁନାହିଁ। ଉଚ୍ଚତର ଚିକିତ୍ସା ପାଇଁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଶୁକଦେବଙ୍କ ପରିବାର ଆକୁଳ ନିବେଦନ କରିଛନ୍ତି।

# ହରଭଙ୍ଗା ବ୍ଲକରେ ଯୁଗ୍ମ ଜନଶୁଣାଣି ଶିବିର

ହରଭଙ୍ଗା,୨।୧୨( ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ଠାରେ ସୋମବାର ଦିନ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି ଶିବିର ହୋଇଥିଲା। ଶିବିରରେ ସମୁଦାୟ ୩୮ ଗୋଟି ଆପତ୍ତି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୩୬ ଗୋଟି ବ୍ୟକ୍ତିଗତ ମାମଲା ଓ ୨ ଗୋଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। ଶିବିରରେ ୧୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୩ ହଜାର ଟଙ୍କା, ଜଣକୁ ହୁଇଲ ଚେୟାର ଓ ପେନ୍‌ସନ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବିଡିଓ ଶରତ ଚନ୍ଦ୍ର ସେଠୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଢୋଲ, ନିଶାନ, ତାସାରେ ଦୁଲୁକିଲା ମଞ୍ଚ

ହରଭଙ୍ଗା,୨।୧୨(ନରେନ୍ଦ୍ର କୁମାର ସାହୁ)


ମହୋତ୍ସବର ଚତୁର୍ଥ ସନ୍ଧ୍ୟାର ଅତିଥି।

**ଚତୁର୍ଥ ମା’ ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକଠାରେ ଚାଲିଥିବା ଚତୁର୍ଥ ମା’ ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା । ସରକାରୀ ବାଳିକା ବିଦ୍ୟାଳୟ ବଡବନ୍ଧର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା । ଚତୁର୍ଥ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ଶିକ୍ଷାର ବିକାଶ ହେଲେ ମା’ଙ୍କ ମହିମା ଅନ୍ୟମାନଙ୍କୁ ଜଣାଇବାରେ ସଫଳ ହେବା ସହ ସମସ୍ତଙ୍କ ସହଯୋଗରେ ମହୋତ୍ସବ ଆଗକୁ ବଢିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟା ତାରାମଣି ପ୍ରଧାନ, ସାମାଜିକ କର୍ମୀ ବିଶ୍ୱଜିତ ପ୍ରଧାନ, ରେଞ୍ଜର ଜୟନ୍ତ କୁମାର ଦାସ, ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ଯୋଗ ଦେଇ ମଞ୍ଚାସୀନ ଥିଲେ। ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ତାରେଣିଆ ପରିଚାଳନା କରିଥିଲେ। ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ଧାରାବାହିକ ଅଭିନେତ୍ରୀ ହିରଣମୟୀ ଦର୍ଶକଙ୍କ ଆର୍କଷଣ ପାଲଟି ଥିଲେ। ସମ୍ବଲପୁରୀ ଢୋଲ, ନିଶାନ, ତାସାରେ ପୁରା ମଞ୍ଚ ଦୁଲୁକି ଉଠିଥିଲା । ଏହା ସହ ମାଲକାନଗିରିହ ବଣ୍ଡା ଆଦିବାସୀ ନୃତ୍ୟ, ଖୋର୍ଦ୍ଧାର ଅଁଳାଇ ପାଇକ ଆଖଡା, ଫୁଲବାଣି ଟିଁଟିଲାପଙ୍ଗା ମା’ ଡୁମାଦେଇ ସାଂସ୍କୃତିକ ପରିଷଦ ପକ୍ଷରୁ ଆଦିବାସୀ ନୃତ୍ୟ, ଚାରିଛକ ୟୁପି ସ୍କୁଲ, ଶୁଭ୍ରା ଡ୍ୟାନ୍ସ ଗ୍ରୁପ ପୁରୁଣାକଟକ, ବୀରନରସିଂହପୁର ୟୁପି ସ୍କୁଲ, ଆଦର୍ଶ ବିଦ୍ୟାଳୟ ମଣିପୁର ଓ ସ୍ଥାନୀୟ ବିଦ୍ୟାଳୟଗୁଡିକ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ସୁକାନ୍ତ କୁମାର ପଟ୍ଟନାୟକ, ଉପସଭାପତି ସରୋଜ ପ୍ରଧାନ, ସହ ସଂପାଦକ ସୁବାସ ପ୍ରଧାନ, କୃଷ୍ଣ ସେଠୀ, ସାଂଗଠନିକ ସଂପାଦକ ପ୍ରାଣବନ୍ଧୁ ପ୍ରଧାନ, ସତୀଶ ବେହେରା, କୈଳାଶ ଅଗ୍ରୱାଲା, ମନୋଜ ପାଢୀ, ବିଜୟ କହଁର,ଅକ୍ଷୁର ସେଠୀ, ଅମୂଲ୍ୟ ମିଶ୍ର, ବିକାଶ ମିଶ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଏହି ମହୋତ୍ସବ ଆସନ୍ତା ୪ ତାରିଖରେ ଉଦ୍‌ଯାପିତ ହେବ । ମହୋତ୍ସବ ଦେଖିବା ପାଇଁ ପ୍ରବଳ ଗହଳି ହୋଇଥିଲା ।

# ନିରାପଦ ରୋଷେଇ ପ୍ରତିଯୋଗିତା


ଅତିଥିମାନେ ରୋଷେଇ ପ୍ରତିଯୋଗିତା ବୁଲି ଦେଖୁଛନ୍ତି।

ସୋନପୁର,୨।୧୨(ମୃତ୍ୟୁଞ୍ଜୟ ଶତପଥୀ)

**ଅଂଶଗ୍ରହଣ କଲେ ୧୭୩ ମହିଳା**

ସୁବର୍ଣ୍ଣପୁର ସହର ପଦ୍ମିନୀ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନିରାପଦ ରୋଷେଇ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ତୈଳ ବିପଣନ କମ୍ପାନୀଗୁଡିକ ଦ୍ୱାରା ହମାରୀ ରସୋଇ ହମାରୀ ଜିମ୍ମେଦାରୀ ବିଷୟବସ୍ତୁ ଉପରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଇନ୍ଧନ କୌଶଳକୁ ପାଳନ କରିବା ସହିତ ରୋଷେଇରେ ଏଲପିଜି ପରିଚାଳନା ଏବଂ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏଥିରେ ଆଖପାଖ ଅଞ୍ଚଳର ୧୭୩ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ମହିଳାମାନେ ନିରାପଦ ଏଲ୍‌ପିଜି ପରିଚାଳନା ଅଭ୍ୟାସକୁ ପାଳନ କରିବା ସହିତ ସେମାନଙ୍କର ବିଭିନ୍ନ ପ୍ରକାର ରୋଷେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଲ୍‌ପିଜି ସୁରକ୍ଷା, ଖାଦ୍ୟର ଗୁଣବତ୍ତା, ଉପସ୍ଥାପନା ଓ ସ୍ୱଚ୍ଛତା ଭଳି ମାନଦଣ୍ଡ ଉପରେ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରାଯାଇଥିଲା। ରୋଷେଇ ପ୍ରତିଯୋଗିତାରେ ସାନ୍ତୋରିନୀ ସାମନ୍ତ ପ୍ରଥମ, ମନ୍ଦାକିନୀ ବେହେରା ଦ୍ୱିତୀୟ, ମଲ୍ଲିଫୁଲ ନାୟକ ଓ ଅନୁସୟା ମାଝି ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ସହକାରୀ ଜିଲାପାଳ କୃଷ୍ଣମୋହନ ସିଂ, ପଦ୍ମିନୀ ଦେବୀ କଲେଜର ସଭାପତି ତଥା ଯୁବ ସାମାଜିକକର୍ମୀ ଅରବିନ୍ଦ ବାରିକ୍, ମହିଳା ସ୍ୱେଚ୍ଛାସେବୀ ସସ୍ମିତା ବିଶି ମଞ୍ଚାସୀନ ଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦମୟନ୍ତୀ ଭାରତ ଗ୍ୟାସ ଗ୍ରାମୀଣ ବିତରକର ପ୍ରୋପ୍ରାଇଟର ସାନନ୍ଦ ବାରିକ୍ ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଏଡସ ଦିବସ

**ସୁନ୍ଦରଗଡ,୧।୧୨(ଜୟ ନାରାୟଣ ମେଣ୍ଟୁଳି):** ଦର୍ଲିପାଲି ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଜୁନିଅର ରେଡକ୍ରସ ବିଭାଗ ତରଫରୁ ଏଡସ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଦର୍ଲିପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମାନସ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଏଡସ ବିଷୟରେ ଅବଗତ କରାଇବା ସହିତ ସତର୍କ ରହିବାକୁ ସୂଚନା ଦେଇଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ତଥା ଡିଜାୟଷ୍ଟର ମ୍ୟାନେଜମେଣ୍ଟର ମାଷ୍ଟର ଟ୍ରେନର ହରେକୃଷ୍ଣ ମାହେଲାଙ୍ଗ, ଜୁନିଅର ରେଡକ୍ରସର କାଉନସିଲର ବିଜୟଲକ୍ଷ୍ମୀ ନାଏକ ଓ ଶିବାନୀ ସେଠ କାର୍ଯ୍ୟକ୍ରମରେ ଯୋଗଦାନ କରି ଏଚଆଇଭି ଭୂତାଣୁ ଠାରୁ ବଞ୍ଚିବା ପାଇଁ ପିପିଟି ମାଧ୍ୟମରେ ପ୍ରଦର୍ଶିତ କରି ଛାତ୍ରୀଛାତ୍ର ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ସାମିଲ ହୋଇ ସଫଳ କରିଥିଲେ।

### ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ନୂଆପଡା,୨।୧୨ (ମକାରୁ ବେମାଲ):** ନୂଆପଡା ଜିଲା କୋମନା ଥାନା ଜଟଗଡ ପଞ୍ଚାୟତ ସାହାଜଟ ଗାଁର ଜଣେ ଯୁବକ ଚେନ୍ନାଇକୁ କାମ କରିବାକୁ ଯାଇଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଦିଗାମ୍ବର ଅହିର(୨୧)। ପ୍ରାପ୍ତ ସୂଚନାଅନୁଯାୟୀ, ଜଟଗଡ ପଞ୍ଚାୟତ ସାହାଜଟ ଗାଁର କେତେଜଣ ଯୁବକ ଚେନ୍ନାଇ ଯାଇ କମ୍ପାନୀ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହା ଦେଖି ଦିଗାମ୍ବର ମଧ୍ୟ ଗାଁ ଯୁବକମାନଙ୍କ ସହ ଚେନ୍ନାଇ ଯାଇ କାଠପେଡି କମ୍ପାନୀରେ ଟାଇଲସ ଲଗାଇବା କାମରେ ନିୟୋଜିତ ଥିଲେ। ରବିବାର ସକାଳେ ମୁହଁ ଧୋଇବା ପାଇଁ ପାଣି ଟାଙ୍କି ପାଖକୁ ଯାଇଥିବା ବେଳେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛଟପଟ ହେଉଥିଲେ। ଏହି ସମୟରେ ସାଥୀ ପିଲାମାନେ ଦେଖି କମ୍ପାନୀ ମାଲିକଙ୍କୁ ଜଣାଇବାରୁ ହସ୍ପିଟାଲକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦିଗାମ୍ବରଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ପହଞ୍ଚିଲେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ। କମ୍ପାନୀ ମାଲିକ କିମ୍ବା ସାଙ୍ଗ ପିଲାମାନଙ୍କ ସହ ପରିବାର ଲୋକଙ୍କ ଯୋଗାଯୋଗ ହୋଇପାରୁ ନ ଥିବାରୁ କୌଣସି ସୂଚନା ମିଳିପାରୁ ନାହିଁ। ସେଥିପାଇଁ ପରିବାର ବହୁତ ଦୁଃଖିତ ରହିଛନ୍ତି। ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ମୃତଦେହ ଆଣିବା ପାଇଁ ସକ୍ଷମ ନୁହନ୍ତି। ମୃତଦେହ କମ୍ପାନୀ ମାଲିକ ହେଉ ବା ଜିଲା ପ୍ରଶାସନ ଘର ପର୍ଯ୍ୟନ୍ତ ଆଣିବା ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

### ବରିଷ୍ଠ ନାଗରିକଙ୍କ ପରଲୋକ

**ସୁନ୍ଦରଗଡ,୨।୧୨(ଜୟ ନାରାୟଣ ମେଣ୍ଟୁଳି):** ସୁନ୍ଦରଗଡ଼ ଅବସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ନାଗରିକ ଶ୍ୟାମ ସୁନ୍ଦର ଆଚାର୍ଯ୍ୟଙ୍କ ରବିବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ



୭୧ ବର୍ଷ ବୟସ ହୋଇଥିଲା। ଗତ କିଛିଦିନ ପୂର୍ବରୁ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ସୋମବାର ସକାଳେ ସୁନ୍ଦରଗଡରେ ପହଞ୍ଚିବା ପରେ ଅବସରପ୍ରାପ୍ତ ବରିଷ୍ଠ ସଂଘର ଦୁର୍ଗା ମାଧବ ପଟେଲ, କାର୍ଯ୍ୟକାରୀ ସଭାପତି ଡ. ଚିରବ୍ରତ ଦତ୍ତ, ଉପସଭାପତି ଗୁଣନିଧି ମହାନ୍ତି, ସାଧାରଣ ସମ୍ପାଦକ ରାଜକିଶୋର ମହାରଣା, ସୁରେଶ ଚନ୍ଦ୍ର ପୃଷ୍ଟି, ଗୋବିନ୍ଦ ଚନ୍ଦ୍ର ସୁଆର, ବୀରେନ୍ଦ୍ର ପତି ପ୍ରମୁଖ ମିଶନାରୀ ରୋଡ ସ୍ଥିତ ତାଙ୍କ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ। ପରେ ସଂଘ କାର୍ଯ୍ୟାଳୟଠାରେ ଏକ ନିରବ ପ୍ରାର୍ଥନା କରାଯାଇଥିଲା।





ସ୍କୁଲ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରୁଥିବା ଅଭିଭାବକ ଏବଂ ପରିଚାଳନା କମିଟି ସଦସ୍ୟ।

# ଶିକ୍ଷକ ଅଭାବ: ସ୍କୁଲ ଗେଟ୍‌ରେ ତାଲା ପକାଇ ପ୍ରତିବାଦ

**ରାଜଗାଙ୍ଗପୁର,୨।୧୨(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳର ୭ ନଂ. ୱାଡରେ ଥିବା ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶିକ୍ଷକ ନ ଥିବା ଅଭିଯୋଗ ହେଉଛି। ଏହି କ୍ରମରେ ସୋମବାର ବିଦ୍ୟାଳୟର ମୁଖ୍ୟ ଗେଟରେ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ପରିଚାଳନା କମିଟିର ସଭାପତି ଓ ସଦସ୍ୟ ତଥା ଅଭିଭାବକମାନେ ତାଲା ପକାଇ ଦେଇଥିଲେ। ଫଳରେ କୌଣସି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଛି। ମାତ୍ର ପଢ଼ାଇବା ପାଇଁ ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଫଳରେ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି। ବ୍ଲକ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣି ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଏହି ସମ୍ପର୍କରେ ଶିକ୍ଷା ଅଧିକାରୀଙ୍କୁ ଜଣାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସରକାରୀ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ





ଏଡ୍‌ସ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର।

**ସୁନ୍ଦରଗଡ଼,୨।୧୨(ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ରେଡ୍ ରିବନ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି ଏଡ୍‌ସର ଭୟାବହତା ଏବଂ ଏଦିଗରେ ସଚେତନତା ଉପରେ ଆଲୋକପାତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ମହାବିଦ୍ୟାଳୟରୁ ବାହାରି ଆରଆର ଆଇଟି କଲୋନୀ ପରିକ୍ରମା କରିଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଯୁବ ରେଡକ୍ରସ ଓ ଏନ୍‌ସିସି କ୍ୟାଡେଟ ସାମିଲ ହୋଇ ହାତରେ ପ୍ଲା କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ରେଡ୍ ରିବନ କ୍ଲବର କୋର୍ଡିନେଟର ପ୍ରଭାକର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋକ କୁମାରୀ ନାଏକ, ଯୁବ ରେଡକ୍ରସ ଜିଲା ଆବାହକ ସରୋଜ ପୂଜାରୀ, କାଉନ୍‌ସେଲର ଡ. ଶମ୍ଭୁଶଙ୍କର ଦୀପ, ରମାକାନ୍ତ ପୁହାଣ, ଡ. ପ୍ରଦୀପ ସାମନ୍ତରାୟ, ନୂତନ ଖମାରୀ, ମନୋଜ ଲାକ୍ରା ପ୍ରମୁଖ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ରକ୍ତଦାନ ଶିବିର

**ନୂଆପଡା,୨।୧୨ (ମକାରୁ ବେମାଲ)**

ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସବ୍‌ସେଣ୍ଟର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଟାନୱାଟଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ । ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ଜୟରାମ ସତନାମୀ ଓ ସମିତି ସଭ୍ୟ ରେଖା ଜାଲ ପ୍ରମୁଖ ଅତିଥି ଭାବରେ ଯୋଦେଇଥିଲେ। ଏହା ପରେ ନୂଆପଡା ଜିଲାପାଳ ମଧୁସୂଦନ ଦାସ ଯୋଗଦେଇ ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ । ଶିବିରରେ ମୋଟ ୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆଶାକର୍ମୀ ଗୋପଲକ୍ଷ୍ମୀ ପାଣ୍ଡେ ଓ ତାଙ୍କ ସ୍ୱାମୀ ସୁଶାନ୍ତ ମହାନନ୍ଦ ଉଭୟ ରକ୍ତଦାନ କରିଥିବାରୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାସ୍ଥ୍ୟକର୍ମୀ ନିବେଦିତା ପଟେଲ, ନୀଳମଣି ଶବର, ସିଏଚଓ କନକବର୍ଦ୍ଧନ ସାହୁ ପରିଚାଳନା କରିଥିଲେ।

# ନୂଆଗାଁ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ,୨।୧୨(ଜୟ ନାରାୟଣ ମେଣ୍ଟୁଳି)**

ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ଆଇସିଡିଏସ ବୈଠକ କକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ସୁନ୍ଦରଗଡ ଏସ୍‌ପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୫୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୧୨ ବ୍ୟକ୍ତିଗତ ଏବଂ ୪୪ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ ସମସ୍ୟା, ପେନ୍‌ସନ, ବିଦ୍ୟୁତ ସମସ୍ୟା, ରାଶନ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପାନପୋଷ ଉପଜିଲାପାଳ ବିଜୟ ନାୟକ, ନୂଆଁଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିବିକାଶ ଦାଶଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ପିଏମଏୱାଇ ସର୍ଭେ ପ୍ରତି ସଚେତନତା ପାଇଁ ଏକ ରଥର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହା ବ୍ୟତୀତ ୧୦ ଜଣ ରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ବିତରଣ କରିଥିଲେ। ଜଣଶୁଣାଣି କାର୍ଯ୍ୟକ୍ରମ ପରେ ମହାଜନ ବିଭିନ୍ନ ଗ୍ରାମ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ନୂଆଗାଁ ବ୍ଲକର ଲୁକାମବେଡା, ଝରାଟୋଲି, ହାତିବାରୀ, କନ୍ଦରକେଲା ଗ୍ରାମପଞ୍ଚାୟତର ନିର୍ମାଣଧୀନ ହାଇସ୍କୁଲର ହୋଷ୍ଟେଲ, ସଡକ ପ୍ରଶସ୍ତୀକରଣ ଓ ଅଙ୍ଗନୱାଡି କେନ୍ଦ୍ର ସହିତ ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିଥିଲେ।

# ଶତକୋଟି ଉତ୍ଥାନ ଅଭିଯାନ

**ଲହୁଣୀପଡା,୨।୧୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ମହାବିଦ୍ୟାଳୟ ପରିସରରେ ସୋମବାର ଜିତା ଅନୁଷ୍ଠାନ ଓ ଜାଗୁରି ରୁରାଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଶତକୋଟି ଉତ୍ଥାନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଏକ ଘରୋଇ ହିଂସା ମୁକ୍ତ ସମାଜ ଗଠନ ନିମନ୍ତେ ବାର୍ତ୍ତା ଏକ କୋଟି ଜନତାଙ୍କ ନିକଟରେ ପହଞ୍ଚାଇବା। ଓଡ଼ିଶାରେ ୨୫ ନଭେମ୍ବରରୁ ୧୦ ଡିସେମ୍ବର ପର୍ଯ୍ୟନ୍ତ ୧୬ ଦିନିଆ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ସ୍ତରରେ ଚାଲିଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଯୋଜିକା ମଧୁସ୍ମିତା ମହାପାତ୍ର ଉପସ୍ଥିତ ଅତିଥି ଓ ଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ସହିତ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଘରୋଇ ହିଂସା କ'ଣ ଓ ଏହାର ନିରାକରଣ କିପରି କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀମାନେ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଲହୁଣୀପଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ସୁରଜ କୁମାର ଝାଙ୍କର ଯୋଗଦେଇ ଛାତ୍ରୀମାନେ ଅନ୍ୟକଥାରେ ପ୍ରଭାବିତ ନ ହୋଇ ନିଜ ଲକ୍ଷ୍ୟକୁ ହାସଲ କରନ୍ତୁ। ଯଦି କେହି ରାସ୍ତାରେ ହଇରାଣ କରୁଛନ୍ତି ତେବେ ପୋଲିସଙ୍କୁ ଜଣାନ୍ତୁ। ଏଏଲଓ ସ୍ୱୟଂ ବିକାଶ ସାମଲ ଓ ପ୍ରଶାନ୍ତ କୁମାର ସୁନା ଶିଶୁମାନଙ୍କ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଚୁଡ଼ାମଣି ସାହୁ ଓ ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷା ଲତିକା ବେଦନା ଛାତ୍ରୀମାନଙ୍କୁ ଭବିଷ୍ୟତରେ ଉତ୍ତମ ନାଗରିକ ହେବାପାଇଁ ଓ ହିଂସା ମୁକ୍ତ ସମାଜ ଗଠନ ନିମନ୍ତେ କହିଥିଲେ। ଶେଷରେ ହରି ପ୍ରିୟା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶିବିରରେ ୫୪ ୟୁନିଟ ରକ୍ତ ସଂଗ୍ରହ

**ଟେନସା,୨।୧୨(ସମୀର କୁମାର ପାଢ଼ୀ)**

ରାଉରକେଲା ପୋଲିସ ଜିଲାର କୋଇଡା ପୋଲିସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଆରକ୍ଷୀ ଅଧିକ୍ଷକ ଦିନେଶ ୱାଧୱାନୀଙ୍କ ନିର୍ଦ୍ଦେଶନାରେ ଏବଂ କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୋଟ ୫୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତର କୌଣସି ବିକଳ୍ପ ନାହିଁ ସେଥିପାଇଁ ଯୁବ ବର୍ଗ, ମହିଳା ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଉତ୍ସାହିତ କରିବା ସହ କୋଇଡା ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ ନିଜେ ରକ୍ତଦାନ କରିଥିଲେ। ଏଥିସହ ବହୁ ଜନସାଧାରଣ, ମହିଳା, ଖବରଦାତା, କମ୍ପାନୀ ପଦାଧିକାରୀ, ମେଡିକାଲ କର୍ମୀ, କଲେଜ ଅଧ୍ୟାପକ, ସମାଜିକ କର୍ମୀ, ଚାଳକ ସଂଘ ସଦସ୍ୟ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର, ରାଉରକେଲା ରକ୍ତ ବ୍ୟାଙ୍କ ମୁଖ୍ୟ ଡ. ପ୍ରଶାନ୍ତ କୁମାର ଦାଶ ସମସ୍ତ ରକ୍ତଦାତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। କୋଇଡା ଥାନାର ସମସ୍ତ ଅଧିକାରୀ, କର୍ମୀ ସମେତ ସାମାଜିକ କର୍ମୀ ବାଦଲ ବାରିକ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।





ଜଣେ ରକ୍ତଦାତାଙ୍କୁ ସାର୍ଟିଫିକେଟ କରାଯାଉଛି।

# ୧୬୦ ବୋତଲ ବିଦେଶୀ ମଦ ଜବତ

**କୁଆଁରମୁଣ୍ଡା,୨।୧୨(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ବଜରଙ୍ଗ ଛକରୁ ରବିବାର ସନ୍ଧ୍ୟାରେ ବିଜାବାହାଲ ଅଞ୍ଚଳର ସୁନ୍ଦର ସାହୁ(୩୨)ଙ୍କ ନିକଟରୁ ପୋଲିସ ୧୬୦ଟି ବିଦେଶୀ ମଦ ବୋତଲ ଜବତ କରିଛି। ଜବତ ମଦର ପରିମାଣ ପ୍ରାୟ ୩୦ ଲିଟର ହେବ। ଯାହାର ମୂଲ୍ୟ ୩୦ ହଜାର ହେବ ବୋଲି ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି। ଏନେଇ ଅଭିଯୁକ୍ତ ସୁନ୍ଦରଙ୍କ ନାଁରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଫାଣ୍ଡି ଅଧିକାରୀ ମହାପାତ୍ର କହିଛନ୍ତି।

# ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସଚେତନତା ଶିବିର

**ଲହୁଣୀପଡା,୨।୧୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ସଭାକକ୍ଷଠାରେ ସୋମବାର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଲହୁଣୀପଡା ଶାଖା ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଲହୁଣୀପଡା ମୁଖ୍ୟ ପରିଚାଳକ ରାଜେଶ କୁମାର ଟପ୍ପୋଙ୍କ ଅଧ୍ୟକ୍ଷତାରେ ଏହି ବିତ୍ତୀୟ ସ୍ୱାକ୍ଷରତା ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ମୁଖ୍ୟ ଅତିଥିଭାବେ ଜିଲା ପରିଚାଳକ ଗଗନ ବିହାରୀ ଭୋଲ ଯୋଗଦେଇ ଆରବିଆଇର ନିୟମାବଳୀ ଉପରେ ଉପସ୍ଥିତ ଜନ ସାଧାରଣଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଦେଶ ସାରା ବିଭିନ୍ନ ସ୍ଥାନରେ ଡିଜିଟାଲ ଠକେଇର ଶିକାର ହେଉଛନ୍ତି। ଏହି ସବୁ ସମସ୍ୟାର ସମାଧାନ ଓ ଡିଜିଟାଲ ପେମେଣ୍ଟ ଉପରେ କେମିତି ଜନ ସାଧାରଣ ସତର୍କ ରହିବେ ସେ ବିଷୟ ଉପରେ ସଚେତନତା କରାଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରେ ମହିଳାମାନେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇ ପାରିବେ ଏହା ସହିତ ବ୍ୟାଙ୍କ ମିତ୍ର,ବିଭିନ୍ନ ଋଣ,ସ୍ୱୟଂ ସହାୟକା ଗୋଷ୍ଠୀର ବ୍ୟାଙ୍କ ସଂଯୋଗୀ କରଣ, ଏନପିଏ ଅସୁଲ, ଜୀବନବୀମା ଯୋଜନା ଉପରେ ବିସ୍ତୃତ ଆଲୋକପାତ କରିବା ସହିତ ପ୍ରତ୍ୟେକ ମହିଳାମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇ ପାରିବ ସେ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିପିଏଲଏଫ,ସଭାପତି, ସମ୍ପାଦିକା, ଇସି ମେମ୍ବର,ସିଆରପି,କୃଷିମିତ୍ର,ପ୍ରାଣୀମିତ୍ର,ଏସଏଚଜି ମହିଳା ପୁରୁଷ ତଥା ଲହୁଣୀପଡା ଷ୍ଟେଟ ବ୍ୟାଙ୍କ କର୍ମଚାରୀମାନେ ଉପସ୍ଥିତ ଥିଲେ।





# କିକ୍ ବକ୍ସିଂ ତାଲିମ ଶିବିର ଶେଷ

**ବନ୍ଧମୁଣ୍ଡା,୨।୧୨(ସୁବ୍ରତ ଦେ)**





କିକ୍ ବକ୍ସିଂର ଡିପ୍ଲୋମା ସାର୍ଟିଫିକେଟ ପାଇଥିବା ଖେଳାଳିମାନେ।

ପୁରୀରେ ଆୟୋଜିତ ତିନି ଦିବସୀୟ ଚତୁର୍ଥ ୱାକୋ ଓଡ଼ିଶା ଉଚ୍ଚତମ ପ୍ରଦର୍ଶନ କିକ ବକ୍ସିଂ ଟ୍ରେନିଂ କ୍ୟାମ୍ପ ଶେଷ ହୋଇଛି। ଆର୍ମେଚର ଓଡ଼ିଶା କିକ ବକ୍ସିଂ ସଙ୍ଗଠନ, ଓଡ଼ିଶା ଅଲିମ୍ପିକ ସଙ୍ଗଠନ ଏବଂ ଡାଇରେକ୍ଟର ସ୍ପୋର୍ଟସଙ୍କ ଦ୍ୱାରା ଆୟୋଜିତ ଏହି ତାଲିମ ଶିବିରରେ ସୁନ୍ଦରଗଡ ଜିଲା କିକ ବକ୍ସିଂ ଟିମ ଅଂଶଗ୍ରହଣ କରିଥିଲେ। ଏହି ଦଳରେ ମୋଟ ୨୧ ଜଣ ଖେଳାଳି ଅଂଶଗ୍ରହଣ କରି କିକ ବକ୍ସିଂର ଡିପ୍ଲୋମା ସାର୍ଟିଫିକେଟ ହାସିଲ କରିଛନ୍ତି। ଏହି ଖେଳାଳିମାନଙ୍କ ମଧ୍ୟରେ ସୁନ୍ଦରଗଡ କିକ ବକ୍ସିଂର ମୁଖ୍ୟ ପ୍ରଶିକ୍ଷକ ବିଚିତ୍ର ନାରାୟଣ ଜେନା, ସଞ୍ଜୀବ ଖେସ, ଅଶୋକ କୁନଓର, ଜ୍ୟୋତିଷ କୁମାର ମହାନନ୍ଦ, ନିଖିଲ ଜାଇଶ୍ୱାଲ, ବିଲ୍ଲୁ ତିର୍କୀ, ରବିନ୍ଦ୍ର ସିଂ, ବିବେକ ଲୋହାର, ପ୍ରତୀକ କୁମାର ରାୟ, ପ୍ରମିଳା ମାଝୀ, ଧନଞ୍ଜୟ କୁମାର ଦାଶ, ରୋଶନ ପାହାନ, ସାତୀ ପାହାନ, କେ ମୁକେଶ, ମୁସ୍କାନ ଓରାମ, ନିରାଲି ତିଗ୍ଗା, ମନୀଷା ସିନ୍ଧୁରୀ, ଜୟନାଥ ତୁଡିଲ ଏବଂ କିରଣ ଭୁମିଜ ସାମିଲ ହୋଇଥିଲେ। ଦଳର ମୁଖ୍ୟ ପ୍ରଶିକ୍ଷକ ବିଚିତ୍ର ଜେନା କହିଛନ୍ତି, ଏହି ପ୍ରଶିକ୍ଷଣ ଶିବିରରେ ଦଳର ଖେଳାଳିମାନେ କିକ ବକ୍ସିଂ ସହ ଜଡିତ ଅନେକ ଉନ୍ନତ ଧରଣର କୌଶଳ ଶିଖିଛନ୍ତି। ଯାହା କି ସେମାନଙ୍କୁ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଚାମ୍ପିୟନଶିପରେ ଭଲ ପ୍ରଦର୍ଶନ କରିବାରେ ସାହାଯ୍ୟ କରିବ। ବନ୍ଧମୁଣ୍ଡାରେ ଆୟୋଜିତ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ କଂଗ୍ରେସ ନେତା ମନୋଜ କୁମାର ପ୍ରଧାନ ଦଳର ଖେଳାଳିଙ୍କୁ ସେମାନଙ୍କ ଡିପ୍ଲୋମା ପ୍ରମାଣପତ୍ର ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ତିଲେଇବଣି ପଞ୍ଚାୟତରେ ଧାନମଣ୍ଡି ଖୋଲାଯାଉ

ଦେବଗଡ଼,୨।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ତିଲେଇବଣି ପଞ୍ଚାୟତରେ ଧାନମଣ୍ଡି ଖୋଲିବାକୁ ପଞ୍ଚାୟତର ଶତାଧିକ ଚାଷୀ ଦାବି କରିଛନ୍ତି। ଏହି ପଞ୍ଚାୟତରେ ପ୍ରାୟ ୩ ହଜାର ଚାଷୀ ଥିବା ବେଳେ ସେମାନଙ୍କୁ ଧାନ ନେଇ ୧୫ କି.ମି. ଦୂର ଟାଙ୍ଗସର ଧାନମଣ୍ଡିକୁ ଯିବାକୁ ପଡୁଛି। ଏଥିପାଇଁ ପରିବହନରେ ଅଯଥାରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏହା ସହିତ ସେଠାରେ ଧାନ ରଖିବା ପାଇଁ ମଧ ଚାଷୀମାନେ ହଇରାଣ ହେଉଛନ୍ତି। ତିଲେଇବଣି ପଞ୍ଚାୟତରେ ଧାନମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରୁଛନ୍ତି। ତିଲେଇବଣି ପଞ୍ଚାୟତ ଜୁଆଳିଭଙ୍ଗା, ଗୋଗୁଆ, ପ୍ରଭାଶୁଣୀ, କରଡ଼ାପାଳ, ଲକ୍ଷ୍ମୀପୁର, ତିଲେଇବଣି, ଅସୁରଖୋଲ ଆଦି ଗ୍ରାମବାସୀଙ୍କ ପାଇଁ ଧାନ ଚାଷ ହିଁ ଆୟର ମୁଖ୍ୟ ଉତ୍ସ। କିନ୍ତୁ ଧାନ ବିକ୍ରି କରିବା ବେଳେ ଚାଷୀମାନେ ବହୁତ ହଇରାଣ ହେଉଛନ୍ତି। ସମସ୍ୟା ସମ୍ପର୍କରେ ତିଲେଇବଣି ପଞ୍ଚାୟତବାସୀ ପୂର୍ବରୁ ପ୍ରଶାସନକୁ ଜଣାଇଛନ୍ତି। ପଞ୍ଚାୟତରେ ବହୁ ସଂଖ୍ୟାରେ ଚାଷୀ ଥିବାରୁ ଏଠାରେ ଧାନମଣ୍ଡି ଖୋଲିବା ଯଥାର୍ଥତା ରହିଛି। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ତୁରନ୍ତ ମଣ୍ଡି ଖୋଲିବା ପାଇଁ ଚାଷୀମାନେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି କରିଛନ୍ତି।

### ଷ୍ଟ୍ରିଟ୍ ଲାଇଟ ଜଳୁନାହିଁ: ବଡ଼ମାଳରୁ ସରବାହାଲ ରାସ୍ତା ଅନ୍ଧାର

ଝାରସୁଗୁଡ଼ା,୨।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବଡ଼ମାଳ ବିଜୁ ଏକ୍ସ ପ୍ରେସ୍ ୱେଠାରୁ ସରବାହାଲ ପର୍ଯ୍ୟନ୍ତ ଗୋଟିଏ ବି ଷ୍ଟ୍ରିଟ ଲାଇଟ ଜଳୁନାହିଁ। ଏହି ରାସ୍ତା ଭିତରେ ଥିବା ରେଲୱେ ଓଭର ବ୍ରିଜରେ ମଧ ସବୁ ଷ୍ଟ୍ରିଟ ଲାଇଟ ଖରାପ ହୋଇଛି। ସହର ଭିତରକୁ ଯାଉଥିବା କାର୍, ବାଇକ୍ ଯାତ୍ରୀ, ତଥା ଛାତ୍ରୀଛାତ୍ର ଏବଂ କମ୍ପାନୀର ଶହ ଶହ ଗାଡି ସନ୍ଧ୍ୟାରେ ଅନ୍ଧାର ଯୋଗୁ ବଡ଼ମାଳରୁ ସରବାହାଲ ପର୍ଯ୍ୟନ୍ତ ଯିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଲୱେ ଓଭର ବ୍ରିଜ୍ ସଂକୀର୍ଣ୍ଣ ହୋଇଥିବାବେଳେ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବାରୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଗତ ୧ ବର୍ଷ ମଧ୍ୟରେ ୨ଜଣଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇ ସାରିଲାଣି। ତୁରନ୍ତ ଷ୍ଟ୍ରିଟ ଲାଇଟ ମରାମତି ପାଇଁ ପ୍ରଶାସନ ନିକଟରେ ସଚେତନ ନାଗରିକ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ରାସ୍ତାରୋକୋ କରାଯିବ ବୋଲି ଖସକେତନ ପାତ୍ର, ସୁଧାଂଶୁ ବିରତିଆ, ଲଳିତ ପାଣିଗ୍ରାହୀ, ଶଙ୍କର୍ଷଣ ନାଥ, ଦେବାନନ୍ଦ ସେଠି, ଅବଧୁତ ପଧାନ, ସଂକୀର୍ତ୍ତନ ପଧାନ ପ୍ରମୁଖ ସଚେତନ ନାଗରିକ କହିଛନ୍ତି।

### କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଦେବଗଡ଼,୨।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଇ କ୍ଲଷ୍ଟର ଅଧୀନ ନୂଆଁଗାଁ ୟୁଜି ୟୁପି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତନୁଚନ୍ଦ୍ର ସାହୁ ଓ କଣ୍ଢେଇ ନୋଡାଲ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ କଳ୍ପନା ମଞ୍ଜରୀ ଶତପଥି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେମାନଙ୍କ ସମ୍ମାନାର୍ଥେ ପ୍ରଭାତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ବାଲିପୋଶି ୟୁଜିୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ସଭାପତିତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ନିରଞ୍ଜନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସୁନୀଲ କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ ଶୈଳବାଳା ପାତ୍ର ଯୋଗଦେଇ ଉଭୟ ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷକ ଜୀବନର ସାର୍ଥକତା, ଶୃଙ୍ଖଳା ଓ ଜ୍ଞାନର ଭୁୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଉଭୟଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଲିଙ୍ଗରାଜ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଚିନ୍ତାମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦ୍ରୌପଦୀ ପ୍ରଧାନ, ପ୍ରମିଳା ପ୍ରଧାନ, ମିଲି ମଞ୍ଜରୀ ପ୍ରଧାନ, ଈଶ୍ୱର ଚନ୍ଦ୍ର ବେହେରା, ସନ୍ଦିପ କୁମାର ସାହୁ ଓ ଚିତ୍ତାଞ୍ଜଳି ଧଳ ସହଯୋଗ କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଲେ ଚାଷୀ

ଦେବଗଡ଼,୨।୧୨(ଶଶାଙ୍କ ଶେଖର ଝାଙ୍କର)

- ୫ ଦଫା ଦାବିରେ ଜିଲା କୃଷକ ସଂଘର୍ଷ ସଂଘର ଧାରଣା
- ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ସୋମବାର ୫ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ ଓ ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ନିଜ ହକ ପାଇଁ ଗର୍ଜିଥିଲେ। ପରେ ଜିଲାପାଳଙ୍କୁ ୫ଦଫା ଦାବି ସ୍ମାରକପତ୍ର ପ୍ରଦାନ କରିଥିଲେ। ଦୀର୍ଘ ଦିନରୁ ଦଖଲ କରି ଚାଷ କରୁଥିବା ଜମିର ସ୍ଥାୟୀ ପଟ୍ଟା ପ୍ରଦାନ, ଆଦିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର ଓ ସ୍ଥାୟୀ ପଟ୍ଟା ପ୍ରଦାନ, ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ୪ ଡେସିମିଲ ଘରଡିହ ପଟ୍ଟା ପ୍ରଦାନ, ଚାଷୀମାନଙ୍କ ଜମିର କିସମ ପରିବର୍ତ୍ତନ ଏବଂ ରେଙ୍ଗାଲି ବାସଚ୍ୟୁତଙ୍କ ବକେୟା ଜମି ପ୍ରଦାନ ଓ ଚିହ୍ନଟ ଆଦି ଦାବି ରହିଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଉପରୋକ୍ତ ୫ ଦଫା ଦାବି ନେଇ ହଜାର ହଜାର ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେହିପରି ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୫୦ ହଜାର ଚାଷୀ ଏଥି ନିମନ୍ତେ ଫର୍ମ ଜରିଆରେ ଆବେଦନ କରିଥିଲେ। ମାତ୍ର ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ପୁଣିଥରେ ଧାରଣା ଜରିଆରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାସତ୍ତ୍ୱେ ଦାବି ପୁରଣ ନ ହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି ଜିଲା କୃଷକ ସଂଘର୍ଷ ସଂଘ ସଭାପତି ହେମ୍ବ୍ରମ ଚେତାବନୀ ଦେଇଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼,୨।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୩୮ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୪ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ବିଦ୍ୟୁତ୍ ସଂଯୋଗ, ରାସ୍ତା ମରାମତି, ରାଶନ୍ କାର୍ଡ, ପାନୀୟ ଜଳ, ଡ୍ରେନେଜ୍ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ୍, ଉପଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର ଓ ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବନାଗ୍ନି ପ୍ରତିରୋଧ ପାଇଁ ସମନ୍ୱୟ ବୈଠକ




ଦେବଗଡ଼,୨।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ବିକାଶ ଭବନ ସମ୍ମିଳନୀ କକ୍ଷରେ ସୋମବାର ବନାଗ୍ନି ପ୍ରତିରୋଧ ପାଇଁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତା ଏବଂ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବନାଗ୍ନିକୁ କିଭଳି ରୋକାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବିଶେଷ କରି ଆସନ୍ତା ବର୍ଷ ବନାଗ୍ନି ପ୍ରତିରୋଧ ପାଇଁ ବନବିଭାଗ ପକ୍ଷରୁ ନିଆଯାଇଥିବା ଚୂଡାନ୍ତ ପଦକ୍ଷେପ ଉପରେ ଆଲୋଚନା କରାଯାଇଛି। ପ୍ରଶାସନିକସ୍ତରରେ ବିଭିନ୍ନ ବିଭାଗର ସମନ୍ୱୟରେ କିଭଳି ବନାଗ୍ନି ରୋକା ଯାଇପାରିବ ସେ ନେଇ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା। ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ପୂର୍ବ ପ୍ରସ୍ତୁତି ଏବଂ ନିଆଁ ଲାଗିଲେ କିଭଳି ତୁରନ୍ତ ଆୟତ୍ତ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହିତ ଦେବଗଡ ଜିଲାକୁ ଧୂଆଁମୁକ୍ତ ଜିଲା ଭାବେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଜଙ୍ଗଲ ନିଆଁକୁ ଆୟତ୍ତ ପାଇଁ ସ୍ଥାନୀୟ ଏସ୍ଏଚ୍ଜି ମହିଳାଙ୍କୁ ନିଯୁକ୍ତି, ବନବିଭାଗରେ ସ୍ୱତନ୍ତ୍ର କର୍ମଚାରୀ ମୁତୟନ ସମେତ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ବନଖଣ୍ଡ ଅଧିକାରୀ ପ୍ରକାଶ କରିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷୀତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ ଏବଂ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ହୋଇଥିଲେ।

### ଅଭିଯୋଗ ଶୁଣିଲେ, ସମାଧାନ ପ୍ରତିଶ୍ରୁତି ଦେଲେ

ଦେବଗଡ଼,୨।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ସଦର ମହକୁମାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୨୩ଟି ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଭିନ୍ନ ଅଭିଯୋଗ ପାଇବା ପରେ ସଂପୃକ୍ତ ବିଭାଗ ଅଧିକାରୀଙ୍କ ସହ ଫୋନ ଯୋଗେ କଥା ହୋଇ ସମାଧାନ କରିଥିଲେ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏକ ଅଭିନବ ପଦକ୍ଷେପ ଆପଣାଇଥିବା ବେଳେ ପ୍ରତି ରବିବାର ଜିଲାର ବିଭିନ୍ନ ସ୍ଥାନରେ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଲୋକଙ୍କ ସମସ୍ୟା ଶୁଣି ସମାଧାନର ବାଟ ବାହାର କରାଯାଉଛି। ଫଳରେ ବିଭିନ୍ନ ଅଭିଯୋଗ ନେଇ ଜନସାଧାରଣ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ରାସ୍ତା, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସମସ୍ୟା ସମେତ ବିଭିନ୍ନ ଯୋଜନାରେ ସାମିଲ କରିବାକୁ ଜନସାଧାରଣ ଅଭିଯୋଗ କରାଯାଇଥିବା ଜଣାପଡିଛି।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ



ଝାରସୁଗୁଡ଼ା,୨।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ପଶୁ ସମ୍ପଦ ବିଭାଗ ପକ୍ଷରୁ ରବିବାର ସର୍ବାହଲ ହାଇସ୍କୁଲ ପଡିଆରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆରମ୍ଭ ହୋଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରବୀର ନାୟକ ମୁଖ୍ୟଅତିଥି, ଜିଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ଝାରସୁଗୁଡା ପୌରପରିଷଦ ଅଧ୍ୟକ୍ଷା ରାନୀ ହାତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ଜ୍ଞାନରଞ୍ଜନ ସାମଲ ମୁଖ୍ୟବକ୍ତା ଭାବେ୍ ଯୋଗଦେଇ ମତ୍ସ୍ୟ, ଗାଈ, ଛେଳି, କୁକୁଡ଼ା ପାଳନ କିପରି କରାଯିବ, ଏସବୁ କରିବା ପାଇଁ ସରକାର କଣ ସହାୟତା କରୁଛନ୍ତି, ଏହା ଦ୍ୱାରା ଆମେ କିପରି ଲାଭବାନ ହୋଇପାରିବା ସେ ବିଷୟରେ ବୁଝାଇଥିଲେ। ସିଡିଭିଓ ଦୟାସାଗର ଦୁରିଆ ଅତିଥି ପରିଚୟ କରିବା ସହ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ଲାଭ ଉଠାଇ ନିଜେ ଆର୍ଥିକ ସ୍ୱଚ୍ଛଳ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚାଷୀ ଓ ବୈଜ୍ଞାନିକଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମତ୍ସ୍ୟ ବିଶେଷଜ୍ଞ ପ୍ରତାପ ଦାଶ, ବିନୟ ଭୂଷଣ ମିଶ୍ର, ସାମିଲ ହୋଇଥିଲେ। ଜିଲା କଳା, ସଂସ୍କୃତି ସଙ୍ଗଠନ କଳାକାର ଓ ସୁରଭି କାର୍ଯ୍ୟକ୍ରମ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ବିବେକ ସୋରେନ ଧନ୍ୟବାଦ ଦେଇଥିଲେ।

# ୭ ଦଫା ଦାବି ନେଇ ଡିଲର୍ସ ସଂଘର ଧାରଣା

ଦେବଗଡ଼,୨।୧୨(ଶଶାଙ୍କ ଶେଖର ଝାଙ୍କର)




**ଦାବି ପୂରଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ**

ଦେବଗଡ଼ ପୌର ପରିଷଦ ଡିଲର୍ସ ସଂଘ ପକ୍ଷରୁ ୭ଦଫା ଦାବି ନେଇ ସୋମବାର ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କାରାଯାଇଛି। ସର୍ବଭାରତୀୟ ଡିଲର୍ସ ଫେଡେରେଶନ ଓଡିଶା ଶାଖା ଆହ୍ୱାନକ୍ରମେ ଦେବଗଡ଼ ପୌର ପରିଷଦ ଡିଲର୍ସ ସଂଘ ସମସ୍ତ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୭ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲ। ରାଜ୍ୟରେ କାର୍ଯ୍ୟରତ ଖୁଚୁରା ବିକ୍ରେତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ ରହିଛି। ବିଶେଷ କରି ଅନ୍ୟ ରାଜ୍ୟ ଭଳି କୁଇଣ୍ଟାଲ ପ୍ରତି ୨ଶହ ଟଙ୍କା ପାରିଶ୍ରମିକ ପ୍ରଦାନ, ବିଭାଗୀୟ ମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ କରୋଣା ମହାମାରୀ ସମୟରୁ ଆଜି ଯାଏଁ ବକେୟା ଥିବା ସମସ୍ତ ପାରିଶ୍ରମିକ ଏକକାଳୀନ ପ୍ରଦାନ, ପରିବହନ ଠିକାଦାରଙ୍କ ଦ୍ୱାରା ରାଶନ ସାମଗ୍ରୀ ପହଞ୍ଚାଇବା ସମୟରେ ହେଉଥିବା ବ୍ୟାପକ ଅନିୟମିତତା ରୋକିବା ପାଇଁ ସ୍ଥଗିତ ରହିଥିବା ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରି ଧାର୍ଯ୍ୟ ଓଜନ ମାପ ଅନୁସାରେ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥା, ଇ-କେୱାଇସି ବାବଦ ପାରିଶ୍ରମିକ ଅର୍ଥ ତୁରନ୍ତ ପ୍ରଦାନ, ରାଶନ ସାମଗ୍ରୀ ବଣ୍ଟନ ବେଳେ ସର୍ଭର ଡାଉନ, ଲିଙ୍କ ଫେଲ, ନେଟୱାର୍କ ସମସ୍ୟାର ସମାଧାନ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା-୨୦୧୩ ଅନୁଯାୟୀ ଖୁଚୁରା ବିକ୍ରେତାଙ୍କୁ ଅଗ୍ରୀମ ପାରିଶ୍ରମିକ ରାଶି ପ୍ରଦାନ ପାଇଁ ଦାବି ହୋଇଛି। ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ବିଶ୍ୱ ଏଡ୍‌ସ ଦିବସ ପାଳିତ

ଦେବଗଡ଼,୨।୧୨(ଶଶାଙ୍କ ଶେଖର ଝାଙ୍କର)

ଆଦର୍ଶସ୍ନାତକ ମହାବିଦ୍ୟାଳୟ ଯୁବ ରେଡକ୍ରସ ସଂସ୍ଥା ପକ୍ଷରୁ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଚେତନତା ସଭାରେ ଯୁବ ରେଡ୍‌କ୍ରସ ଦାୟିତ୍ୱରେ ଥିବା ଅଧ୍ୟାପକ ଦାମୋଦର ନାଏକ ସଂଯୋଜନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ବିଜୟ କୁମାର ମହାରଣା ସଭାପତିତ୍ୱ କରିଥିଲେ। ଏହି ସଭାରେ ପ୍ରାଣେ ବିଜ୍ଞାନ ଅଧ୍ୟାପକ ରତିକାନ୍ତ ରଥ ବିଦ୍ୟାର୍ଥୀମାନଙ୍କୁ ମହାମାରୀ ଏଡ୍‌ସ ରୋଗର କାରଣ ଓ ତାର ନିରାକରଣ ସମ୍ପର୍କରେ ବିଶଦ ଭାବେ ବୁଝାଇଥିଲେ। ସଭାପତି ଅଧ୍ୟକ୍ଷ ଡଃ ବିଜୟ କୁମାର ମହାରଣା ଯୁବପୀଢ଼ି ଶୃଙ୍ଖଳିତ ଭାବେ ଆଦର୍ଶ ଜୀବନଯାପନ କଲେ ଏହି ରୋଗରୁ ସମାଜ ମୁକ୍ତ ହୋଇପାରିବ ବୋଲି ବିଦ୍ୟାର୍ଥୀମାନଙ୍କୁ ବୁଝାଇ ଦେଇଥିଲେ। ଏହି ସଭାରେ ଯୁବ ରେଡ୍‌କ୍ରସ ସଂସ୍ଥାର ରେଡ ରିବନ କ୍ଲବ ଛାତ୍ରୀଛାତ୍ରମାନଙ୍କ ସହ ବହୁ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ। ଶେଷରେ ବିଦ୍ୟାର୍ଥୀମାନେ ସ୍ଲୋଗାନ ଦେଇ ଏଡ୍‌ସ ସଚେତନତା ରାଲି କରିଥିଲେ।

# ଭାଗବତ ମହାପୁରାଣ ସପ୍ତାହ ପାଇଁ କଳସ ଶୋଭାଯାତ୍ରା

ଦେବଗଡ଼,୨।୧୨(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଗୋପାଳଜୀଉ ମନ୍ଦିରରେ ସୋମବାରଠାରୁ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଶ୍ରୀ ଭାଗବତ ମହାପୁରାଣ ସପ୍ତାହ ଅବସରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଧାନପାଟଠାରେ ପୂଜକ ଟିଙ୍କନ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଗୋପଲଜି ମନ୍ଦିର ପୂଜକ ରାଜେଶ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ତ୍ତା ସିଦ୍ଧେଶ୍ୱର ଗୁରୁ ଓ ସ୍ମୃତିପ୍ରଜ୍ଞା ତ୍ରିପାଠୀଙ୍କ ସହିତ ବହୁ ପୁରୁଷ ମହିଳା ସଂକୀର୍ତ୍ତନ ତାଳେ ତାଳେ ପ୍ରଧାନପାଟ ଜଳ ପ୍ରପାତରୁ କଳସୀରେ ଜଳ ସଂଗ୍ରହ କରି ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ଗୋପାଳଜୀ ମନ୍ଦିରରେ ଆସି ପହଞ୍ଚିଥିଲେ। ସେଠାରେ ଜଳପୂର୍ଣ୍ଣ କଳସ ସ୍ଥାପନ ପରେ ପୂଜା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। କର୍ମକର୍ତ୍ତା ସନ୍ତୋଷ ପଣ୍ଡା, ଦିଲୀପ ବେହେରା, ଉଦୀପ୍ତ ନାୟକ, ଅଶୋକ ଦେ, ଜନ୍ମାଜୟ ନାୟକ, ଭୋଳା ନାଥ ଦାସ, ଡିଲେଶ୍ୱର ପ୍ରଧାନ, ବଂଶୀ ଧର ସାହୁ, ଦିଲୀପ ଅଗ୍ରୱାଲ, ଉମେଶ ଅଗ୍ରୱାଲ, ସଞ୍ଜୀବ ଧର, ସନ୍ତୋଷ ସାହୁ, ସୁରେଶ ଶତପଥୀ, ସୌରଭ ଗୋଏଲ ପ୍ରମୁଖଙ୍କ ସହଯୋଗରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଭାଗବତ ପାରାୟଣ କମିଟି ଓ ବଜରଙ୍ଗ ମଣ୍ଡପ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ପାରାୟଣ କାର୍ଯ୍ୟକ୍ରମରେ ବ୍ୟାସ ନୀଳ ମାଧବ ନାୟକ ଓ ତାଙ୍କ ଦଳ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ପାରାୟଣ କାର୍ଯ୍ୟ ସମ୍ପାଦିତ କରିବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ବିଶ୍ୱ ଏଡ୍‌ସ ଦିବସରେ ସଭା, ଶୋଭାଯାତ୍ରା

ଝାରସୁଗୁଡ଼ା,୨।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସରେ ସଭା ଓ ଶୋଭାଯାତ୍ରା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା କାର୍ଯ୍ୟାଳୟରେ ଆୟୋଜିତ ଶୋଭାଯାତ୍ରା ଅତିରିକ୍ତ ଜିଲାପାଳ କିଶୋର କୁମାର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଡାକ୍ତର ଲକ୍ଷ୍ମଣ କୁମାର କର୍ମୀ, ଡିପିଏମ୍ ବୁଲୁନାଥ ସାହୁ ଓ ହସ୍ପିଟାଲ ମ୍ୟାନେଜର ଅଭିଷେକ କୁମାର ଉପସ୍ଥିତ ଥିଲେ। ଶୋଭାଯାତ୍ରା ବେହେରାମାଲ (କିଷାନଛକ) ପର୍ଯ୍ୟନ୍ତ ଯାଇ ସେଠାରୁ ଜିଲା କାର୍ଯ୍ୟାଳୟକୁ ଫେରିଥିଲା। ନିରାକାର ପଣ୍ଡା ଶୋଭାଯାତ୍ରା ପରିଚାଳନା କରିଥିବା ବେଳେ ବେଦାନ୍ତ ସିଏସ୍ଆର ସଭ୍ୟ ସୌମ୍ୟା ପୋଖରିଆଲ ଓ ଅମୀୟ ସାହୁ, ଜିଲା ମୁଖ୍ୟ ଚିକିତ୍ସାଳୟରୁ ବିଶ୍ୱାମିତ୍ର ଧରୁଆ, ପ୍ରଭାତୀ ବେକ୍, ସଙ୍ଗୀତା ଯୋଜ, ଶୁକଦେ ରାଉତ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଭା ଓ ପିରାମଲ, ଡିଏଭି ପବ୍ଲିକ ସ୍କୁଲ, ସାରଳା ନର୍ସିଂ ସ୍କୁଲ, ଏମ୍ସ ନର୍ସିଂ ଅନୁଷ୍ଠାନ, ମହିଳା ମହାବିଦ୍ୟାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ଜିଲା କାର୍ଯ୍ୟାଳୟଠାରେ ଶପଥ ପାଠ, ପଞ୍ଚପଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରକ୍ତଦାନ ଶିବିର ଏବଂ ପୁରୁଣାବସ୍ତିରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।



# ପଳସାକୁଦର ମୌଜାରେ ସାମିଲକୁ ବିରୋଧ

ଦେବଗଡ଼,୨।୧୨(ଶଶାଙ୍କ ଶେଖର ଝାଙ୍କର)


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି।

**ସୁନାମୁଣ୍ଡାବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁନାମୁଣ୍ଡା ମୌଜାରେ ଥିବା ଖତିୟାନ ପଳସାକୁଦର ମୌଜାରେ ସାମିଲକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାକୁ ନେଇ ସୋମବାର ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୁନାମୁଣ୍ଡା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାୟଳୟ ଘେରାଉ କରିବା ସହିତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ ସୁନାମୁଣ୍ଡା ମୌଜାରେ ପଳସାକୁଦର ଗ୍ରାମ ସାମିଲ ଥିଲା। ମାତ୍ର ଜିଲା ପ୍ରଶାସନର ପ୍ରସ୍ତାବକ୍ରମେ ସରକାର ପଳସାକୁଦରକୁ ଏକ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ଯାଉଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିରେ ସୁନାମୁଣ୍ଡା ଗ୍ରାମବାସୀ ମଧ ସହମତି ପ୍ରକାଶ କରିଛନ୍ତି। ମାତ୍ର ପ୍ରଶାସନ ଚଞ୍ଚକତା କରି ସୁନାମୁଣ୍ଡା ଗ୍ରାମରେ ବସବାସ କରୁଥିବା ପ୍ରଜାର ମୌଜା ପଳସାକୁଦର ମୌଜାରେ ସାମିଲ କରିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ଏହାକୁ ତିବ୍ର ବିରୋଧ କରିଛନ୍ତି। ସୁନାମୁଣ୍ଡା ଗ୍ରାମରେ ବସବାସ କରୁଥିବା ଜଣେ ହେଲେ ପ୍ରଜାର ଖତିୟାନ ପଳସାକୁଦର ମୌଜାରେ ସାମିଲ ହେବାକୁ ଦେବୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।
ସୂଚନା ଯେ, ଗତ ୨୬ ତାରିଖରେ ଦେବଗଡ ଜିଲାପାଳ, ଉପଜିଲାପାଳ ଓ ତହସିଲଦାରଙ୍କ ପାଖରେ ସୁନାମୁଣ୍ଡା ଗ୍ରାମବାସୀ ଅଭିଯୋଗ କରିଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ସୁନାମୁଣ୍ଡା ଏବଂ ପଳସାକୁଦର ଗ୍ରାମବାସୀଙ୍କୁ ଏକତ୍ରିତ କରି ପ୍ରଶାସନର ଉପସ୍ଥିତିରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେବାକୁ ଦାବି ହୋଇଛି।

